ଧରିତ୍ରୀ
DHARITRI
May 16-22, 2021 ₹ 2/-

# ଛୁଟିଦିନ




# ମଶାଣି ବନ୍ଧୁ

୩
ପ୍ରଚ୍ଛଦ ପ୍ରସଙ୍ଗ

ବନ୍ଧୁ ପରିଜନ, ସନ୍ତାନସନ୍ତତି ସମସ୍ତେ ଥାଇ ବି କେହି ପାଖ ମାଡ଼ିପାରୁ ନାହାନ୍ତି। କରିପାରୁନାହାନ୍ତି ଅନ୍ତିମ ସଂସ୍କାର। ମହାମାରୀର ଭୟ ଛଡ଼େଇ ନେଇଛି ଆତ୍ମୀୟତା, ମାନବିକତା। ହେଲେ ଏବେ ବି ଏମିତି ମଣିଷ ଅଛନ୍ତି, ଯାହାଙ୍କ ମାନବିକତା ଆଗରେ ହାର ମାନିବାକୁ ବାଧ ସମସ୍ତେ। ନିଜ ଜୀବନକୁ ବାଜି ଲଗାଇ ଛିଡ଼ା ହେଉଛନ୍ତି କରୋନା ମୃତକଙ୍କ ପାଖରେ। ବନ୍ଧୁଟିଏ ହୋଇ ସବୁ ନୀତିନିୟମ ଅନୁସାରେ ସଂସ୍କାର କରୁଛନ୍ତି ତାଙ୍କ ଶବ....

୮/୯
ସିନେମା

୧୩
ସହରଠୁ ଦୂର





# ଶଙ୍ଖର ମହତ୍ତ୍ୱ

**ପୂଜାପାଠ, ଉତ୍ସବ, ଯଜ୍ଞ, ବିବାହ ଭଳି ବିଭିନ୍ନ ଶୁଭକାର୍ଯ୍ୟରେ ଶଙ୍ଖ ବଜାଇବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। କାରଣ ଏହାକୁ ବିଜୟ, ସମୃଦ୍ଧି, ଯଶ ଓ ଶୁଭଦ୍ରର ପ୍ରତୀକ ବୋଲି କୁହାଯାଇଥାଏ। ତେବେ ଶଙ୍ଖ ଓ ଶଙ୍ଖଧ୍ୱନିର ଆଉ କ'ଣ ସବୁ ମହତ୍ତ୍ୱ ରହିଛି ଆସନ୍ତୁ ଜାଣିବା...**

*ଗୃହରେ ଶଙ୍ଖ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ। ଏହା ପରିବାରରେ ଶାନ୍ତିର ବାତାବରଣ ରଖିଥାଏ।



*ଶାସ୍ତ୍ର ଅନୁଯାୟୀ, ବ୍ୟକ୍ତି ପୂଜାପାଠ କରିବା ସମୟରେ ଶଙ୍ଖ ବଜାଇଲେ ସମସ୍ତ ପାପ ନଷ୍ଟ ହୋଇଥାଏ।

*ସେହିପରି ଶଙ୍ଖର ଧ୍ୱନି ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବା ସହ ମନକୁ ଶାନ୍ତ ରଖିଥାଏ।

*କୁହାଯାଏ, ଠାକୁର ଘରେ ଶଙ୍ଖରେ ଜଳ ପୂର୍ଣ୍ଣ କରି ରଖିବା ସହ ଘରର ସଦସ୍ୟ ଏହି ଜଳକୁ ଛିଞ୍ଚିହେଲେ ସେମାନଙ୍କର ଅନେକ ଉପକାର ହୋଇଥାଏ।

*କାରଣ ଏହି ଜଳରେ ଜୀବାଣୁ ମୁକ୍ତ କରିବାର ସାମର୍ଥ୍ୟ ରହିଥାଏ। ତା'ସହିତ ପ୍ରଦୂଷଣକୁ ମଧ୍ୟ ନଷ୍ଟ କରିବାର ଏହାର କ୍ଷମତା ଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୬-୨୨, ୨୦୨୧

**ମେଷ**



ମାନସିକ ସ୍ଥିରତା ଆସିବ, କଳାସାହିତ୍ୟରେ ପ୍ରଶଂସା, ପାରିବାରିକ ସଦ୍ଭାବ, ଗୃହଭୂମି କ୍ରୟବିକ୍ରୟ, ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ବ୍ୟବସାୟିକ ସଫଳତା, ଶାରୀରିକ ଅସୁସ୍ଥତା, ଆତ୍ମୀୟଙ୍କ ସହ ବାଦବିବାଦ, ପାରିବାରିକ ସମସ୍ୟା, ପରିବହନରେ କ୍ଷତି।

**ବୃଷ**




ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସ୍ତରରେ ସମ୍ମାନ, ଜମିଜମା ରେଜିଷ୍ଟ୍ରେସନ, ନୂତନ ଯାନବାହନ କ୍ରୟ, ସ୍ଥଗିତ ବିଦେଶଯାତ୍ରା, ନୀଚଜନ ସମ୍ପର୍କରୁ ନିନ୍ଦା, ସମସ୍ୟାର ସମାଧାନ, ମନୋରଞ୍ଜନରେ ଅନିଚ୍ଛା।

**ମିଥୁନ**



କାର୍ଯ୍ୟାଗାରର ସୁଯୋଗ, ବନ୍ଧୁଙ୍କ ସହାନୁଭୂତି, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଅଳଙ୍କାର ବ୍ୟବସାୟରେ କ୍ଷତି, ପ୍ଲଟିଙ୍ଗ୍ କାରବାରରେ ଉନ୍ନତି, କୃଷି ଗବେଷଣାରେ ଅଗ୍ରଗତି, କଚେରି ମାମଲାରେ ହନ୍ତସନ୍ତ।

**କର୍କଟ**



ଅର୍ଥ ସଙ୍କଟ, ମାମଲାମକଦ୍ଦମାରେ ଖର୍ଚ୍ଚାନ୍ତ, ପାରିବାରିକ ସଦ୍ଭାବ, ଯାତ୍ରାରେ କୁଶଳ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ସାହିତ୍ୟରୁ ସମ୍ମାନ, ମାମଲାମକଦ୍ଦମାରେ ଜୟଲାଭ, ପଡୋଶୀଙ୍କ କଟୁକ୍ତି, ଧର୍ମକାର୍ଯ୍ୟରେ ବିଘ୍ନ।

**ସିଂହ**



ବ୍ୟୟବହୁଳ କାର୍ଯ୍ୟ, ସମସ୍ୟାର ସମାଧାନ, ଅପପ୍ରଚାରରୁ ଦୁଶ୍ଚିନ୍ତା, ମିତ୍ରବନ୍ଧୁଙ୍କ ସାନ୍ତ୍ୱନା, ଯଶଖ୍ୟାତି ବଢ଼ିବ, ପୈତୃକ ସମ୍ପତ୍ତିରେ ଟଣାଓଟରା, ସାମୟିକ ମତାନ୍ତର, ଭୁଲ୍ ବୁଝାମଣାରୁ କଳହ।

**କନ୍ୟା**



ଭୋଗବିଳାସରେ ଆଗ୍ରହ, ଅର୍ଥ ପ୍ରାଚୁର୍ଯ୍ୟରୁ ଶତ୍ରୁତା, କାର୍ଯ୍ୟସିଦ୍ଧିରେ ଆଶଙ୍କା, ଯାନ୍ତ୍ରିକ ଜିନିଷ ମରାମତି, ଜମିବାଡ଼ି ବିକ୍ରୟ, କଚେରି ମାମଲାରେ ମନସ୍ତାପ, ରାଜନୈତିକ ବିବାଦ।

**ତୁଳା**



ନୂତନ କର୍ମାରମ୍ଭର ଯୋଜନା, ଋଣର ବିକଳ୍ପ ଚିନ୍ତା, ସମ୍ପର୍କୀୟଙ୍କ ଅନୁକମ୍ପା, ଭ୍ରାତୃ ସମ୍ପର୍କରେ ନ୍ୟୂନତା, ଅସାବଧାନତାରୁ ସମସ୍ୟା, ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉଦ୍‌ବେଗ, ସଂଗୀତ ଶିକ୍ଷାରେ ରୁଚି, ଲୋକସମ୍ପର୍କ ବୃଦ୍ଧି।

**ବିଛା**



ନିରାଶାର ପରିସମାପ୍ତି, ସରକାରୀ ସହାୟତା, ସଭାସମିତିକୁ ନିମନ୍ତ୍ରଣ, ଅଧ୍ୟୟନରେ ଅଭିରୁଚି, ସହକର୍ମୀଙ୍କ ବିରୋଧ, ଶେୟାର ବଜାରରେ କ୍ଷତି, ଆନୁଷ୍ଠାନିକ କର୍ମାରମ୍ଭ, ନୂତନ ସମ୍ପର୍କରେ ମତପାର୍ଥକ୍ୟ।

**ଧନୁ**



ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟସ୍ୱଜନଙ୍କ ସୁପରାମର୍ଶ, ମାନସିକ ସ୍ଥିରତା, ନିର୍ମାଣାଦି କାମରେ ବୃଦ୍ଧି, ପ୍ରକାଶନରେ ବିଳମ୍ବ, ସଂଗଠନର ଧିମାସ୍ଥିତି, ରଚନାତ୍ମକ କାର୍ଯ୍ୟରେ ନିଷ୍ଠା, ଅର୍ଥ ସମ୍ପର୍କରୁ ଅନର୍ଥ, ଫାଇଲପତ୍ରର ସଂଶୋଧନ।

**ମକର**



କର୍ମକ୍ଷେତ୍ରରେ ସୁନାମ, ସମସ୍ୟା ସମାଧାନରେ ମଧ୍ୟସ୍ଥତା, ବୈଷୟିକ ଉନ୍ନତି, ବନ୍ଧୁମାନଙ୍କ ସହଯୋଗ, ପୁରାତନ ରୋଗର ପ୍ରାଦୁର୍ଭାବ, କଳାରେ ଉତ୍କର୍ଷତା, ଶତ୍ରୁତାରୁ କାର୍ଯ୍ୟହାନି, ମାଙ୍ଗଳିକ କାର୍ଯ୍ୟରେ ବିତର୍କ।

**କୁମ୍ଭ**



ସହକର୍ମୀଙ୍କ ସାହାଯ୍ୟ, ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ, କଠିନ ପରିଶ୍ରମରୁ ଅସୁସ୍ଥତା, ଧନହାନିରୁ କ୍ଷୋଭ, ପକ୍ଷପାତିତାରୁ ବିକ୍ଷୋଭ, ରୋଗପୀଡା ଦାଉସାଧିବ, ବିବାଦର ସମାଧାନ, ବୈବାହିକ ସମ୍ପର୍କରେ ଅଗ୍ରଗତି।

**ମୀନ**



ଉନ୍ନତ ଚିନ୍ତା, ଦକ୍ଷତାଭିତ୍ତିକ ପ୍ରଶଂସା, ଋଣ ପରିଶୋଧ, ପରିଜନଙ୍କ ପରାମର୍ଶ, ଉପରିସ୍ଥଙ୍କ ପ୍ରତିଶ୍ରୁତି, ସଫଳ ଆଲୋଚନା, ସେବା ଓ ପରୋପକାର, ପରିଭ୍ରମଣର ସୁଯୋଗ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, ବନ୍ଧୁମାନଙ୍କ ଅନାଦର।

# ବ୍ୟକ୍ତିତ୍ୱର ପ୍ରଭାବ

କୁହାଯାଏ, ଜଣଙ୍କର ବ୍ୟକ୍ତିତ୍ୱ ବି ଅନ୍ୟମାନଙ୍କ ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତି କି: ଜଣେ ଗୃହିଣୀଙ୍କ ନିକଟରେ ୧୦ ମିନିଟ୍ ବସିପଡିଲେ ଲାଗିବ, ଜୀବନଟା ଅତ୍ୟନ୍ତ କଷ୍ଟକର। କାରଣ ଦିନତମାମ୍ ଘର, ପରିବାରର କଥା ବୁଝୁବୁଝୁ ସେ ନିଜ କଥା ବୁଝିବାକୁ ବି ସମୟ ପାଆନ୍ତିନି। ସେହିପରି ଜଣେ ମଦ୍ୟପଙ୍କ ପାଖରେ ୧୦ ମିନିଟ୍ ବସିଲେ ଲାଗିବ ଜୀବନଟା ଅତି ସହଜ। ଅନ୍ୟପକ୍ଷେ ସାଧୁ, ସନ୍ନ୍ୟାସୀଙ୍କ ସଂସ୍ପର୍ଶରେ ଆସିଲେ ଇଚ୍ଛା ହେବ ଦାନରେ ସବୁକିଛି ଦେଇ ଦବାକୁ। କୌଣସି ବ୍ୟବସାୟୀଙ୍କ ପାଖରେ ବସିଲେ ଲାଗିବ ଆମେ ଯାହା ରୋଜଗାର କରୁଛୁ ତାହା ବହୁତ କମ୍। ସେହିପରି ବୈଜ୍ଞାନିକଙ୍କ ସଂସ୍ପର୍ଶରେ ଆସିଲେ ଆମେ ନିଜ ଅଜ୍ଞତାର ବିରାଟତା ଅନୁଭବ କରିବା। କୌଣସି ଭଲ ଶିକ୍ଷକଙ୍କ ସଂସ୍ପର୍ଶରେ ଆସିଲେ ଇଚ୍ଛା ହେବ ପୁନର୍ବାର ଛାତ୍ର ହୋଇ ପାଠପଢ଼ିବାକୁ। ସେହିପରି ଜଣେ କୃଷକ କିମ୍ବା ଶ୍ରମିକଙ୍କର ହାଡଭଙ୍ଗା କଷ୍ଟକୁ ଦେଖିଲେ ଅନୁଭବ ହୁଏ ଯେ ଆମେ ଯଥେଷ୍ଟ ପରିଶ୍ରମ କରୁନାହାନ୍ତି। ଅନ୍ୟପକ୍ଷେ ଜଣେ ସୈନିକଙ୍କର ଦେଶଭକ୍ତିକୁ ଅନୁଭବ କଲେ ଲାଗେ ଆମେ କରୁଥିବା ସେବା ଓ ବଳିଦାନ ଯଥେଷ୍ଟ ନୁହେଁ। ତା'ଛଡ଼ା ଜୀବନରେ ଭଲ ବନ୍ଧୁଟିଏ ପାଇଗଲେ ଲାଗେ ଆମେ ଆମ ଜୀବନରେ ସବୁ ସୁଖ ପାଇ ଯାଇଛେ।



# ପାଠକୀୟ

* ହସ ଜିଇବା ଶିଖାଏ ପୁଣି ମହୌଷଧି ପରି କାମ କରେ। ଶରୀରକୁ ଉତ୍ତମ ମାତ୍ରାରେ ଅମ୍ଳଜାନ ଯୋଗାଇବାରେ ହସର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଶରୀର ଓ ଜୀବନ ପାଇଁ ହସ କେତେ ଜରୁରୀ ତାହାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ହସ' ଟି ଅତି ଚମତ୍କାର ହୋଇଥିଲା। 'ସୈନ୍ଧବ ଲୁଣର ଉପକାରିତା' ପାଠଟିରୁ ଅନେକ କିଛି ନୂଆ କଥା ଶିଖିହେଲା। ସେହିପରି 'ନଖ: କିଛି ଜଣା ଅଜଣା କଥା' ପାଠଟି ମଧ୍ୟ ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

**-ବିଜୟଲକ୍ଷ୍ମୀ ମିଶ୍ର, ସାତପଡ଼ା, ପୁରୀ**

* ହସ ମଣିଷ ସମାଜକୁ ଭଗବାନଙ୍କର ଏକ ଅମୂଲ୍ୟ ଦାନ। ହସିବା ଦ୍ୱାରା ମନ ମସ୍ତିଷ୍କରେ ଉତ୍ସାହ ସଞ୍ଚାର ହୋଇଥାଏ। ହୃଦୟଖୋଲା ହସ ତ କୌଣସି ଔଷଧଠାରୁ ବି କମ୍ ନୁହେଁ। ତେଣୁ ଏହି ହସର ଉପକାରିତାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଗୋପୀ ମୋହନ ପଟ୍ଟନାୟକ' କିପରି ରକ୍ତଦାନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି, ତାହା ଜାଣିବାକୁ ମିଳିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'କଷ୍ଟାକ୍ ଟ୍ରେସିଂ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

**-ବିଶ୍ୱଜିତ୍ ମହାନ୍ତି, ସିଦ୍ଧ ମହାବୀର ଲେନ୍, ପୁରୀ**

*ସିନେମା ପୃଷ୍ଠାରେ ସ୍ଥାନିତ ଜ୍ୟାକ୍ଲିନ୍ ଫର୍ଣାଣ୍ଡିସ୍ ଓ ୟାମି ଗୌତମଙ୍କ ଫଟୋ ଖୁବ୍ ଆକର୍ଷଣୀୟ ହୋଇଥିଲା। ସେହିପରି ଦୋଛକିରେ ଦୀପକ ଓ ସଲ୍ଲୁ, ଦି ଗ୍ରେଟ୍ ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ନାରାୟଣ ବାରିକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

**-ଅନିକେତ ରାଉତ, ବରଗଡ଼**

*ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ପେପର୍ ଜୁଏଲେରି' ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଆସାମର ଅନନ୍ୟ ଶୈଳନିବାସ ହାଫ୍ଲଙ୍ଗ ସମ୍ପର୍କରେ ବହୁ ନୂଆ ନୂଆ ତଥ୍ୟ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ସୁରକ୍ଷା ଦେବ, ପେଟ୍ରୋଲ ବଞ୍ଚେଇବ' ନାମକ ପାଠଟି ଏକ ସମୟୋପଯୋଗୀ ବିଷୟ ଥିଲା।

**-ଶରତ ଚନ୍ଦ୍ର ମଲ୍ଲିକ, ଝାରସୁଗୁଡ଼ା**

*ନାଟକ ପ୍ରେମରେ ନିଜକୁ ହଜାଇ ଦେଇଥିବା ଏକ ଅନନ୍ୟ ପ୍ରତିଭା ହେଲେ ଇଂ.ନିରଞ୍ଜନ ସାହୁ। ତାଙ୍କ ବିଷୟରେ ଏଥରର ଛୁଟିଦିନରୁ ଅନେକ କିଛି କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରୁ 'ପ୍ୟାଣ୍ଟ ସୁଟ୍ ପିନ୍ଧା କିନିଆ', 'ସ୍ମାର୍ଟ ବ୍ୟାଗ୍' ଏବଂ 'ଶ୍ୱଶୁର ଘର ପରି ଖାଇବା' ଆଦି ପାଠଗୁଡ଼ିକ ପଢ଼ିବାକୁ ଭାରି ମଜା ଲାଗିଲା।

**-ଛବିନା ପ୍ରଧାନ, ଆଠଗଡ଼**

## ବିଶେଷ ଚିଠି



ଛୁଟିଦିନ ତୁମ ପ୍ରଚ୍ଛଦ ପ୍ରସଙ୍ଗରେ 'ହସ'
ଜୀବନରେ ଭରିଦେଲା ଅନେକ ରସ।
ଭାରି ଶିକ୍ଷଣୀୟ ଥିଲା ଏହି ଆଲେଖ୍ୟ
ଏହାକୁ ପଢ଼ି ଆମେ ହେଲୁ କୃତକୃତ୍ୟ।
ତା'ସାଙ୍ଗକୁ ସାଥୀ, ସିନେମା ଓ ସହର
ପୁଣି କୌତୁକିଆ ଲାଗୁଥିଲା କାର୍ଟୁନ କର୍ନର।
ପ୍ରଥମ ରୋଜଗାର ଦେଲା ଅନେକ ବାର୍ତ୍ତା
ପୁଣି ସୃଜନରେ ଥିଲା ବହୁ ମନଛୁଆଁ କବିତା।
ସତରେ ଛୁଟିଦିନ ତୁମେ ଅନନ୍ୟ
ତୁମ ପରି ଆଉ କେହି ନୁହେଁ ସମ।

**-ସ୍ୱପ୍ନାମୟୀ ବରାଳ, ଖଣ୍ଡଗିରି, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଶ୍ମଶାଣି ବନ୍ଧୁ

ବିଭୂତି କୁମାର ରାୟ

କୁହାଯାଏ ବନ୍ଧୁ ସିଏ, ଯିଏ ରାଜଦ୍ୱାରରୁ ଶ୍ମଶାନ ପର୍ଯ୍ୟନ୍ତ ସାଥିରେ ଛିଡ଼ା ହୋଇଥାଏ। ହେଲେ କରୋନା କିନ୍ତୁ ବଦଳାଇ ଦେଇଛି ସବୁ ସମ୍ପର୍କର ସଂଜ୍ଞା। ସାଧାରଣତଃ କେହି ଜଣେ ଆତ୍ମୀୟଙ୍କ ମୃତ୍ୟୁରେ ବନ୍ଧୁ ପରିଜନଙ୍କଠାରୁ ପାଖ ପଡୋଶୀ ଯାଏ ସମସ୍ତେ ରୁଣ୍ଡ ହୋଇଯାଉଥିଲେ। ମଶାଣି ପର୍ଯ୍ୟନ୍ତ ଯାଇ ଅଶ୍ରୁଳ ବିଦାୟ ଦେଉଥିଲେ। ହେଲେ କରୋନା ମୃତକଙ୍କ କ୍ଷେତ୍ରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ବନ୍ଧୁ ପରିଜନ, ସନ୍ତାନସନ୍ତତି କେହି ବି ପାଖ ମାଡ଼ିପାରୁ ନାହାନ୍ତି। କରିପାରୁନାହାନ୍ତି ଅନ୍ତିମ ସଂସ୍କାର। ମହାମାରୀର ଭୟ ଛଡ଼େଇ ନେଇଛି ଆତ୍ମୀୟତା, ମାନବିକତା। ହେଲେ ଏବେ ବି ଏମିତି ମଣିଷ ଅଛନ୍ତି, ଯାହାଙ୍କ ମାନବିକତା ଆଗରେ ହାର ମାନିବାକୁ ବାଧ ସମସ୍ତେ। ନିଜ ଜୀବନକୁ ବାଜି ଲଗାଇ ଛିଡ଼ା ହେଉଛନ୍ତି କରୋନା ମୃତକଙ୍କ ପାଖରେ। ବନ୍ଧୁଟିଏ ହୋଇ ସବୁ ନୀତିନିୟମ ଅନୁସାରେ ସଂସ୍କାର କରୁଛନ୍ତି ଶବ। ନିଜ ପାଇଁ ଚିନ୍ତା ନାହିଁ, ଭୟ ନାହିଁ। ସକାଳୁ ରାତି ଯାଏ କରିଚାଲିଛନ୍ତି ଶବ ସତ୍କାର। ମାନବିକତାର ପ୍ରତିମୂର୍ତ୍ତି ଏଭଳି କିଛି ବ୍ୟକ୍ତିବିଶେଷଙ୍କୁ ନେଇ ଏଥରର ପ୍ରଚ୍ଛଦ...

## କେହି ନାହିଁ ଯାହାର, ଆମେ ଅଛୁ ତାହାର

ସକାଳ ତାଙ୍କର ଆରମ୍ଭ ହୁଏ ସତୀ ଚଉରା ମଶାଣିରେ। ଘରକୁ ଫେରୁ ଫେରୁ ରାତି ଅଧ। କାମ ଶବଦାହ, ସେ ପୁଣି କରୋନା ମୃତକଙ୍କ ଶବ। ବିନା ପିପିଇ କିଟ୍‌ରେ ସକାଳୁ ରାତି ଯାଏ କରିଚାଲିଛନ୍ତି ଶବ ସତ୍କାର। ଇଏ ହେଲେ ବିଭୂତି କୁମାର ରାୟ, ଯାହାଙ୍କୁ ମାନବିକତାର ପ୍ରତିମୂର୍ତ୍ତି କହିଲେ ଭୁଲ୍ ହେବ ନାହିଁ। କେବଳ ବିଭୂତି ନୁହନ୍ତି, ତାଙ୍କ ସହ ଅଛନ୍ତି ଆହୁରି ୨୦ ଜଣ ଯୁବକ। ସେମାନେ ହେଲେ- ମାନସ ନନ୍ଦ, ରାଜ କୁମାର ମହାନ୍ତି, ପ୍ରମୋଦ ଦାସ, ସରୋଜ କୁମାର ବେହେରା, ଭାଗ୍ୟଧର ଆଚାର୍ଯ୍ୟ, ହେମନ୍ତ ନାୟକ, ଆଲୋକ ବେହେରା, ଚନ୍ଦନ କୁମାର ମହାନ୍ତି, ବିଶ୍ୱଜିତ ରାୟ, ପ୍ରଭାକର ଦାସ, ରଞ୍ଜନ କୁମାର ରଥ, ସୁସ୍ମିତା ବେଉରା, ନିବେଦିତା ରାୟ, ଚନ୍ଦନ ପରମାଣି, ରମେଶ କୁମାର ସାହୁ, କାଳନ୍ଦୀ ବେହେରା, ରାହୁଲ ଦାସ, ଅଶୋକ ଦଳେଇ, ରାକେଶ ବାରିକ ଏବଂ ରାହୁଲ ସିଂ। ବିଭୂତିଙ୍କ 'ସାବିତ୍ରୀ ଜନସେବା' ଅନୁଷ୍ଠାନର ଏମାନେ ଜଣେ ଜଣେ ସଦସ୍ୟ। ଯେତେବେଳେ ପରିବାର ଲୋକ କରୋନା ମୃତକଙ୍କ ପାଖ ମାଡୁ ନାହାନ୍ତି, ପୁଣି କେଉଁଠି କେଉଁଠି ଶବକୁ ଛାଡ଼ି ଦେଇ ଚାଲିଯାଉଛନ୍ତି, ସେଭଳି ପରିସ୍ଥିତିରେ ଏମାନେ ହିଁ ଅପେକ୍ଷା କରିଥାଆନ୍ତି ଶବକୁ। ଶବ ପହଞ୍ଚିବା ପରେ ଧର୍ମ ଅନୁସାରେ ସେମାନଙ୍କର ସତ୍କାର କରିଥାଆନ୍ତି। ଏଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ ଶବ ପିଛା ୪୮୦୦ ଟଙ୍କା ମିଳୁଥିବା ବେଳେ ଦାହ ସରଞ୍ଜାମ କିଣି ସାରିବା ପରେ

ବନ୍ଧୁ ପରିଜନ, ସନ୍ତାନସନ୍ତତି ସମସ୍ତେ ଥାଇ ବି କେହି ପାଖ ମାଡ଼ିପାରୁ ନାହାନ୍ତି। କରିପାରୁନାହାନ୍ତି ଅନ୍ତିମ ସଂସ୍କାର। ମହାମାରୀର ଭୟ ଛଡ଼େଇ ନେଇଛି ଆତ୍ମୀୟତା, ମାନବିକତା। ହେଲେ ଏବେ ବି ଏମିତି ମଣିଷ ଅଛନ୍ତି, ଯାହାଙ୍କ ମାନବିକତା ଆଗରେ ହାର ମାନିବାକୁ ବାଧ ସମସ୍ତେ। ନିଜ ଜୀବନକୁ ବାଜି ଲଗାଇ ଛିଡ଼ା ହେଉଛନ୍ତି କରୋନା ମୃତକଙ୍କ ପାଖରେ। ବନ୍ଧୁଟିଏ ହୋଇ ସବୁ ନୀତିନିୟମ ଅନୁସାରେ ସଂସ୍କାର କରୁଛନ୍ତି ତାଙ୍କ ଶବ....



ଆଉ ପିପିଇ କିଟ୍ କିଣିବାକୁ ପାଖରେ ପଇସା ବଳୁନାହିଁ। ଅନ୍ୟପକ୍ଷରେ ପିପିଇ କିଟ୍ ପିନ୍ଧି ଶବ ଦାହ କରିବାରେ ସମସ୍ୟା ବୋଲି କହନ୍ତି ବିଭୂତି। ତାଙ୍କ କହିବା ଅନୁସାରେ, ଦିନକୁ ପ୍ରାୟ ୪୦-୬୦ଟି ଶବ ସତ୍କାର ପାଇଁ ଆସୁଥିବାରୁ ଶ୍ମଶାନ ଛାଡ଼ି ସେମାନେ ଘରକୁ ବି ଆସିପାରୁନାହାନ୍ତି। ସେହି ମଶାଣିରେ ହିଁ ରୋଷେଇ କରି ଖାଉଛନ୍ତି। ମଶାଣି ଛାଡ଼ି ଘରକୁ ଆସିବାକୁ ଫୁରୁସତ ନାହିଁ। ଦିନ ରାତି କଟୁଛି କରୋନା ମୃତକଙ୍କ ସହ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏମାନଙ୍କ ମଧ୍ୟରୁ କେହି ହେଲେ କରୋନା ଦ୍ୱାରା ଆକ୍ରାନ୍ତ ହୋଇନାହାନ୍ତି କିମ୍ବା ଆକ୍ରାନ୍ତ ହୋଇ ଭିତରେ ଭିତରେ ଭଲ ହୋଇଯାଇଛନ୍ତି ବୋଲି କହନ୍ତି ବିଭୂତି ରାୟ। ସାବିତ୍ରୀ ଜନସେବା ମାଧ୍ୟମରେ ଅସହାୟଙ୍କ ସେବା କରୁଥିବା ବିଭୂତି ପେସାରେ ଜଣେ ଅଟୋ ଚାଳକ। ପିଲାଦିନରୁ ହିଁ ବିଭୂତି କାହାର ଦୁଃଖ ଦେଖିଲେ ସହି ପାରନ୍ତି ନାହିଁ। ବାପା ଆର୍ମିରେ ଚାକିରି କରୁଥିବା ବେଳେ ମା' ଆଈଙ୍କ ପାଖରେ ରହୁଥିଲେ। ଆଈ ଥିଲେ କଟକସ୍ଥିତ ଶିଶୁ ଭବନରେ ସେବିକା। ଛୋଟ ବେଳେ ଅଧିକାଂଶ ସମୟ ସେ ଶିଶୁ ଭବନରେ ହିଁ ରହୁଥିଲେ। ସେହି ସମୟରୁ ହିଁ ତାଙ୍କର ରୋଗୀ ସେବା ପ୍ରତି ଆଗ୍ରହ ଆସିଥିଲା। କେବଳ ରୋଗୀ ସେବା ନୁହେଁ, ଯେ କୌଣସି ଅସହାୟଙ୍କୁ ଦେଖିଲେ ସେ ସାଧ୍ୟମତେ ସାହାଯ୍ୟ କରନ୍ତି। କେହି ହସ୍‌ପିଟାଲ ଯାଉଥିଲେ ତାଙ୍କୁ ବିନା ପଇସାରେ ଅଟୋରେ ନେବା ସହ ତାଙ୍କର ଔଷଧ ଓ ଖାଇବା ପିଇବା କଥା ବୁଝନ୍ତି। ଏମିତି ହିଁ ତାଙ୍କ ସହ ଭେଟ ହୋଇଥିଲେ ବିଭୂତିଙ୍କ ପୋଷ୍ୟ ପୁତ୍ର ହେମନ୍ତ ନାୟକ। ୨୦୦୮ରେ କଟକ ସିଡିଏରେ ଅଟୋ ନେଇ ଯାଉଥିବା ବେଳେ ସେ ହେମନ୍ତ ଓ ତାଙ୍କ ବାପାଙ୍କୁ ଚାଲି ଚାଲି ଯାଉଥିବାର ଦେଖିଲେ। ତାଙ୍କୁ ଅଟୋରେ ବସିବାକୁ କହିଲେ। କ୍ୟାନ୍‌ସରରେ ହେମନ୍ତଙ୍କ ଗୋଟିଏ ଆଖି ଖୁବ୍ ଭୟଙ୍କର ଦିଶୁଥିଲା। କୁଆଡ଼େ ଯାଉଛନ୍ତି ବୋଲି ପଚାରିବାରେ ହେମନ୍ତଙ୍କ ବାପା କହିଥିଲେ, ପୁଅର ଚିକିତ୍ସା ପାଇଁ ଆସିଥିଲି, ହେଲେ ପଇସା ଅଭାବରୁ ଏବେ ଫେରି ଯାଉଛୁ। ବିଭୂତି ତାଙ୍କୁ ସାହସ ଦେଇଥିଲେ ଚିକିତ୍ସା କରିବେ ବୋଲି। ହେଲେ ତାଙ୍କ ପାଖରେ ବି କୋଉ ପଇସା ଥିଲା। ମାଗିଯାଚି ପୁଣି ହେମନ୍ତଙ୍କ ଫଟୋ ଖବରକାଗଜରେ ବାହାର କରି ଅର୍ଥ ପାଇଁ ଅନୁରୋଧ କରିଥିଲେ। ଆଉ ଶେଷରେ ଭୁବନେଶ୍ୱରସ୍ଥ ଏଲଭି ପ୍ରସାଦ ଆଇ ହସ୍‌ପିଟାଲରେ ହେମନ୍ତଙ୍କର ଆଖିର ଅସ୍ତ୍ରୋପଚାର କରାଯାଇଥିଲା। ଏବେ ତାଙ୍କର ଗୋଟିଏ ଆଖି ସିନା ନାହିଁ, କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାଠ ପଢ଼ିବା ସହ ବିଭୂତିଙ୍କ ସହ ମିଶି ଅସହାୟଙ୍କ ସେବା କରୁଛନ୍ତି। ତାଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଛନ୍ତି ବିଭୂତି। ସେମିତି ଟ୍ରେନ୍ ଦୁର୍ଘଟଣାରେ ତିନି ମାସ କୋମାରେ ଥିଲେ ଜଣେ ଝିଅ, ଯାହାଙ୍କ ଚିକିତ୍ସା

→









କଥା ବୁଝିବା ସହ ଦେଖାଶୁଣା କରୁଥିଲେ ବିଭୂତି। କୋମାରୁ ବାହାରିବା ପରେ ସେହି ଝିଅଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେମାନେ ସେହି ଝିଅକୁ ନ ନେବାରୁ ବିଭୂତି ତାଙ୍କୁ ନିଜ ଝିଅ କରି ରଖିଲେ, ଯାହାଙ୍କ ନାମ ହେଲା ଅନୀତା ରାୟ। ତାଙ୍କୁ ଏବେ ବିବାହ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବିଭୂତି। ଏହି ଦୁଇ ପାଳିତ ସନ୍ତାନଙ୍କ ବ୍ୟତୀତ ବିଭୂତିଙ୍କ ପରିବାରରେ ପତ୍ନୀ ନିବେଦିତା, ଦୁଇ ଝିଅ ବିସ୍ମିତା ଓ ବିଶାଖାଙ୍କୁ ନେଇ ତାଙ୍କ ସଂସାର। ଅଟୋରୁ ଯାହା ରୋଜଗାର ହୁଏ ସେଥିରେ ରୋଗୀ ସେବା ସହ କୌଣସି ପ୍ରକାରେ ପରିବାର ଚଳିଯାଏ। ଆଜି ପର୍ଯ୍ୟନ୍ତ ବିଭୂତି ୧୦୭ ଥର ରକ୍ତଦାନ କରିସାରିଛନ୍ତି। ଯେବେଠାରୁ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହେଲା ସେବେଠାରୁ ସେ ଭଲ୍ୟୁଣ୍ଟର ସର୍ଭିସ ଦେଇଆସିଛନ୍ତି। ରୋଗୀଙ୍କୁ ସେ ଯେତେବେଳେ ହସ୍‌ପିଟାଲ ନିଅନ୍ତି, ନର୍ସ କିମ୍ବା ଅନ୍ୟ କର୍ମଚାରୀ ନ ଥିଲେ ନିଜେ ରୋଗୀର ପ୍ରାଥମିକ ଚିକିତ୍ସା ବି କରି ଦିଅନ୍ତି। ଆଗରୁ ପରିଚୟ ନ ଥିବା ଏବଂ ପଚି ଯାଇଥିବା ଶବ ସତ୍କାରର ଦାୟିତ୍ୱ ବିଭୂତି ନେଇଛନ୍ତି। କିନ୍ତୁ କୋଭିଡ୍ ମୃତକଙ୍କ ଶବକୁ ଯେତେବେଳେ ଅନ୍ୟମାନେ ସତ୍କାର କରିବାକୁ ରାଜି ହେଲେନି, ସେତେବେଳେ ସେହି ଦାୟିତ୍ୱ ବି ବିଭୂତି ସ୍ୱଇଚ୍ଛାରେ ନେଲେ। ତାଙ୍କରି ଆଦର୍ଶକୁ ଅନୁସରଣ କରି ଆଉ କିଛି ଯୁବକ ମଧ୍ୟ ତାଙ୍କ ସହ ଯୋଡ଼ି ହେଲେ। କରୋନା ପ୍ରଥମ ଲହରରେ ୧୨୦୦ ଶବ ଦାହ କରିଥିବା ବେଳେ ଅନ୍ୟାନ୍ୟ ୩୦୦ ଶବ ଦାହ କରିଛନ୍ତି। ସେହିପରି କରୋନାର ଦ୍ୱିତୀୟ ଲହରରେ ମେ’ ୧୪ ତାରିଖ ସୁଦ୍ଧା ପ୍ରାୟ ୧୦୩୦ଟି କରୋନା ଶବ ଦାହ କରିଛନ୍ତି। ୨୦୦୬ରେ ବିଭୂତି ଗଢ଼ିଥିବା ‘ସାବିତ୍ରୀ ଜନସେବା ଅନୁଷ୍ଠାନ’ରେ ଏବେ ୨୦ ଜଣ ସଦସ୍ୟ। ଏମାନଙ୍କ ସ୍ୱର ହେଲା, ‘କେହି ନାହିଁ ଯାହାର, ଆମେ ଅଛୁ ତାହାର’। ସତରେ, କେବଳ ଏମାନେ ଏକଥା କହୁନାହାନ୍ତି, ପ୍ରତିଟି ମୁହୂର୍ତ୍ତରେ ଏହି କଥାକୁ ପ୍ରମାଣିତ କରିଚାଲିଛନ୍ତି।

## ଶେଷ ସମୟର ସାଥୀ

ଜୀବନକାଳ ମଧ୍ୟରେ ମଣିଷ ଅନେକ ସାଙ୍ଗସାଥୀଙ୍କୁ ନେଇ ବଞ୍ଚିଥାଏ। ମାତ୍ର ଜୀବନର ଶେଷ ଯାତ୍ରାରେ ତା’ ସହିତ ମଶାଣି ପର୍ଯ୍ୟନ୍ତ କିଏ, ଯିବ ନ ଯିବ ସେ ଜାଣିପାରି ନ ଥାଏ । ଜୀବନକାଳ ମଧ୍ୟରେ ତା’ର ଯଶ, କୀର୍ତ୍ତି ଓ ସାଙ୍ଗସାଥୀଙ୍କୁ ନେଇ ଗଢ଼ିଥିବା ସମ୍ପର୍କ ହିଁ ସଞ୍ଚିଥିବା ଧନ ସମ୍ପତ୍ତିଠାରୁ ଅଧିକ ମୂଲ୍ୟବାନ ହୋଇଥାଏ। ହେଲେ ଏମିତି କିଛି ଅଭାଗା, ଅସହାୟଙ୍କ ଭାଗ୍ୟରେ ମରିବା ପରେ ତାଙ୍କ ସହିତ ମଶାଣି ପର୍ଯ୍ୟନ୍ତ ଯିବାକୁ କିମ୍ବା ଚାରି କାନ୍ଧ ଦେବାକୁ କେହି ନ ଥାଆନ୍ତି । ଏମିତି ଅସହାୟ ବ୍ୟକ୍ତିଙ୍କ ପାଇଁ ଦେବଦୂତ ସାଜି ମଶାଣିରେ ସେମାନଙ୍କର ଶବସତ୍କାର କରି ସବୁଠି ପ୍ରଶଂସା ସାଉଁଟିଛନ୍ତି ସୁନ୍ଦରଗଡ ସହରର ୪ଜଣ ବନ୍ଧୁ। ସହରର ପତ୍ରାପଡାର ସିଦ୍ଧାନ୍ତ କୁମାର ପଣ୍ଡା , ଶିଶିର କୁମାର ବେହେରା, ମନୋଜ କୁମାର ତ୍ରିପାଠୀ ଓ କମଳେଶ ନାଥାନୀ । ଏହି ଚାରି ବନ୍ଧୁ ସମସ୍ତେ ନିଜ ନିଜର ବ୍ୟବସାୟିକ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ। ବର୍ତ୍ତମାନର କୋଭିଡ୍‌ର ଭୟାବହତା ମଧ୍ୟ ତାଙ୍କୁ ଛୁଇଁନାହିଁ। ସୁନ୍ଦରଗଡରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣର ବ୍ୟାପକତା ଭିତରେ ଅନେକ ବ୍ୟକ୍ତିଙ୍କ ଜୀବନ ଦୀପ ଲିଭି ଯାଉଥିବା ବେଳେ କୋଭିଡ୍ ହସ୍ପିଟାଲରୁ ଆସୁଥିବା ମୃତବ୍ୟକ୍ତିଙ୍କ ଶବକୁ ପିପିଇ କିଟ୍ ପିନ୍ଧି ଗୋଟିଏ ପରେ ଗୋଟିଏ ଶବ ସତ୍କାର କରି ଚାଲିଛନ୍ତି । ଗୋଟିଏ ଜୁଇ ନ ଲିଭୁଣୁ ପହଞ୍ଚି ଯାଉଛି ଆଉ ଗୋଟିଏ ଶବ । ମନରେ କୌଣସି ଭାବନା ନ ରଖି ଶବ ସତ୍କାରରେ ଲାଗି ପଡିଛନ୍ତି ଏମାନେ। ଦିନ ହେଉ କି ରାତି


କମଲେଶ ନଥାନୀ


ମନୋଜ କୁମାର ତ୍ରିପାଠୀ


ଶିଶିର କୁମାର ବେହେରା


ସିଦ୍ଧାନ୍ତ କୁମାର ପଣ୍ଡା

କେଉଁଠି ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର ହୋଇପାରୁ ନ ଥିବା ଖବର ପାଇ ସେଠାରେ ପହଞ୍ଚିଯାଇ ଥାଆନ୍ତି ଏହି ୪ବନ୍ଧୁ । କୋଭିଡ୍‌ର ଭୟାବହତାକୁ ଭ୍ରୂକ୍ଷେପ ନ କରି ଏହି ୪ବନ୍ଧୁ ନିଜକାନ୍ଧରେ କୋଭିଡ୍‌ରେ ହେଉ କିମ୍ବା ସାଧାରଣ ରୋଗରେ ମୃତ୍ୟୁବରଣ କରୁଥିବା ଏଭଳି ଅସହାୟ ବ୍ୟକ୍ତିଙ୍କୁ କାନ୍ଧେଇ ସ୍ଥାନୀୟ ଇବ୍ ନଦୀ କୂଳରେ ଥିବା ସ୍ୱର୍ଗଦ୍ୱାରକୁ ନେଇ ଶବ ସତ୍କାର କରିବା ଜୀବନର ଏକ ମହାନ୍ ବ୍ରତ ଭାବେ ବାଛି ନେଇଛନ୍ତି । ରାତି ହେଉ କି ଦିନ ଅସହାୟ ବ୍ୟକ୍ତିଙ୍କ ପାଇଁ କୋକେଇ ପ୍ରସ୍ତୁତିଠୁ ଆରମ୍ଭ କରି ମଶାଣି ପର୍ଯ୍ୟନ୍ତ ବୋହି ନେଇ ଶବସତ୍କାର ପାଇଁ ଜାଳେଣି ସଂଗ୍ରହ କରି ପୋଡ଼ି ସାରିବା ପରେ ଅସ୍ଥି ସଂଗ୍ରହ କରି ମୃତ ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନଙ୍କୁ ପ୍ରଦାନ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତୁଲାଇଥାଆନ୍ତି । ଏଥିପାଇଁ ସେମାନେ କାହାରିଠୁ କୌଣସି ପ୍ରାପ୍ୟ ନେଇ ନ ଥାଆନ୍ତି । ବର୍ତ୍ତମାନ କୋଭିଡ୍ ସମୟରେ ମୃତବ୍ୟକ୍ତିଙ୍କ ଶବ ପରିବାରବର୍ଗଙ୍କୁ ଦିଆଯାଉ ନ ଥିବାରୁ ଏହି ଚାରି ବନ୍ଧୁ ଏହି ଶବକୁ ମଶାଣିରେ ଦାହ କରିବାକୁ ଏକ ପୁଣ୍ୟକାମ ବୋଲି ମନେକରନ୍ତି । ବର୍ତ୍ତମାନ ଧନୀ ହେଉ କିମ୍ବା ଗରିବ ସବୁ ଶ୍ରେଣୀର କରୋନା ସଂକ୍ରମିତ ବ୍ୟକ୍ତିଙ୍କ ଶବ ସତ୍କାର କରୁଛନ୍ତି ଏହି ମାନେ। ଏହି ଚାରିବନ୍ଧୁଙ୍କ ମଧ୍ୟରୁ ସିଦ୍ଧାନ୍ତ କହନ୍ତି, ପିଲାବେଳେ ସାହିପଡ଼ିଶାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଶବ ତାଙ୍କଠୁ ବଡବୟସର ଲୋକମାନେ ମଶାଣିକୁ ନେଇ ଶବଦାହ କରୁଥିବା ଦୃଶ୍ୟ ଦେଖି ଅନ୍ୟ ଦୁଇ ସାଙ୍ଗ ଶିଶିର ଓ ମନୋଜଙ୍କ ସହ ସେ ଏହି ଶବ ସଂସ୍କାର କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇଥିଲେ। ଯୁବ ବୟସରେ ପାଦଥାପିବା ପରେ ପାଖପଡୋଶୀଙ୍କ ମୃତ୍ୟୁ ପରେ ଶ୍ମଶାନକୁ ଯାଇ ସେମାନଙ୍କ ଶବ ସଂସ୍କାର କାର୍ଯ୍ୟରେ ସହଯୋଗ କରିଥିଲେ । ଏହାପରେ ସମୟକ୍ରମେ ସୁନ୍ଦରଗଡ ସହରର କେଉଁଠି ଅସହାୟ ଗରିବ ଓ ସାମାଜିକ ବାସନ୍ଦ କାରଣରୁ ଶବସଂସ୍କାର ହେଉ ନ ଥିବା ବ୍ୟକ୍ତିଙ୍କର ଶବ ଉଠାଇ ଏହି ମହତ୍ ସେବା ପାଇଁ ଅଣ୍ଟା ଭିଡିଥିଲେ ଏହି ୩ବନ୍ଧୁ । ୨୦୦୦ମସିହାରୁ ପାଖାପାଖି ୬ଶହ ଶବ ଏହି ୩ବନ୍ଧୁ ସତ୍କାର କରିଥିବା ବେଳେ ଗତ ୨୦୨୦ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା କରୋନା ସଂକ୍ରମଣ। ଗତ ୨୦୨୦ ଅକ୍ଟୋବର ୭ ତାରିଖରେ ସୁନ୍ଦରଗଡରେ ପ୍ରଥମ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିଲା । ହେଲେ ଏହି ମୃତ କରୋନା ରୋଗୀଙ୍କ ଶବସତ୍କାର ପାଇଁ ସମସ୍ତଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା । ଏହାପରେ ସେତେବେଳର ପୌର ନିର୍ବାହୀ ଅଧିକାରୀ ଅଶୋକ ମିଶ୍ର ଓ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଏହି ଶ୍ମଶାନବନ୍ଧୁଙ୍କ ସହଯୋଗ ଲୋଡିଥିଲେ । ପ୍ରଥମେ ସାମାନ୍ୟ ଡର ଲାଗୁଥିଲେ ମଧ୍ୟ ମନରେ ସାହସ ବାନ୍ଧି କୋଭିଡ୍ ରୋଗୀଙ୍କ ଶବସତ୍କାର କରିଥିଲୁ ବୋଲି କହନ୍ତି ସିଦ୍ଧାନ୍ତ । ପ୍ରଥମ କରୋନା ଲହରରେ ସହରର କରୋନା ସଂକ୍ରମିତ ଜଣେ ବ୍ୟବସାୟୀଙ୍କ ଶବ ସତ୍କାର ପରେ ତାଙ୍କ ସହିତ ଯୋଡି ହୋଇଛନ୍ତ ଅନ୍ୟ ଜଣେ ବନ୍ଧୁ କମଳେଶ ନାଥାନୀ । ଏବେ ନାଥାନୀଙ୍କୁ ମିଶାଇ ଏହି ୪ବନ୍ଧୁଙ୍କ ଅନ୍ୟ ଏକ ପରିଚୟ ହୋଇଛି ମଶାଣି ବନ୍ଧୁ । ଗତ ବର୍ଷ କରୋନାର ପ୍ରଥମ ଲହର ବେଳେ ୭୬ଟି ଶବ ଦାହ କରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ଲହର ଆରମ୍ଭ ହେଲା ଦିନ ଠାରୁ ମେ’ ୧୪ ତାରିଖ ପର୍ଯ୍ୟନ୍ତ ୧୪୫ଟି କରୋନା ଶବ ଦାହ କରିସାରିଛନ୍ତି। ତାଙ୍କର ଏଭଳି କାମକୁ ଦେଖି ସହରର କିଛି ଯୁବ ଗୋଷ୍ଠୀ ଏବେ ସେମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ତା’ସହ ସହରର କେତେକ ବ୍ୟକ୍ତିବିଶେଷ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଜିଲା ପ୍ରଶାସନ ଏମାନଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଭାବେ ମାନ୍ୟତା ଦେଇ ପ୍ରଥମେ କୋଭିଡ୍ ଟିକା ପ୍ରଦାନ କରି ତାଙ୍କରି କାର୍ଯ୍ୟକୁ ସ୍ୱୀକୃତି ଓ ସମ୍ମାନ ଦେଇ ଉତ୍ସାହିତ ମଧ୍ୟ କରିଛି । ସେହିପରି ଜିଲା ପୋଲିସ ପକ୍ଷରୁ ଏସ୍‌ପି ସାଗରିକା ନାଥ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବରିଷ୍ଠ ନାଗରିକ ସମିତି, ଜିଲା ଗୁରୁଦ୍ୱାରା କମିଟି, ଜିଲା କ୍ରୀଡ଼ା ସଂସଦ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ସେମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଛି। ସମସ୍ତଙ୍କ ମୁହଁରେ ଏମାନଙ୍କ ସେବାକୁ ନେଇ ପ୍ରଶଂସା। କାରଣ ଅନ୍ତିମ ସମୟରେ ଏମାନେ ହିଁ ହେଉଛନ୍ତି ପ୍ରକୃତ ବନ୍ଧୁ।


**–ରୋଜାଲିନ୍ ମହାନ୍ତି**

*ତଥ୍ୟ ସହାୟତା :*
*ଜୟ ନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼*


ରାଣୀ ବଗିଚା ସ୍ଥିତ ସ୍ୱର୍ଗଦ୍ୱାର ମଶାଣି ଘାଟରେ ଚାରିବନ୍ଧୁ ।



# ଶର୍ଟ୍ସ ଫ୍ୟାଶନ






**ସମର୍ ଫ୍ୟାଶନ ପାଇଁ ଶର୍ଟ୍ସ ବା ଶର୍ଟ ପ୍ୟାଣ୍ଟ ସବୁଠାରୁ ଉତ୍ତମ ହୋଇଥାଏ। କାରଣ ଏହା ଯୁବକଙ୍କୁ କୁଲ୍ ଲୁକ୍ ଦେବା ସହିତ ଖରାଦିନେ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ। ବିଶେଷକରି ବର୍ତ୍ତମାନର ଏହି ଲକ୍‌ଡାଉନ୍ ସମୟରେ ଘରେ ନିତ୍ୟ ବ୍ୟବହାର କରିବାକୁ ଯାଠୁ ବଳି ଆଉ ଭଲ ବିକଳ୍ପ କ'ଣ ହୋଇପାରେ...**

ଶର୍ଟ୍ସ ବା ଶର୍ଟ ପ୍ୟାଣ୍ଟ ଖରାଦିନେ ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥାଏ। ତେଣୁ ଏହାର ଚାହିଦା ଯୁବପିଢ଼ିଙ୍କ ଭିତରେ ଖୁବ୍ ରହିଥାଏ। ତେବେ ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡକୁ ଦେଖିଲେ ଶର୍ଟ୍ସ ଆଉ କେବଳ ନିତ୍ୟ ବ୍ୟବହାରରେ ସୀମିତ ହୋଇ ରହିନାହିଁ, ଏହାକୁ ଆଉଟିଂରେ ହେଉ ଅବା ସାଙ୍ଗମାନଙ୍କ ସହ ବିଚ୍ ପାର୍ଟି କଲାବେଳେ ମଧ୍ୟ ଯୁବକମାନେ ଆରାମରେ କ୍ୟାରି କରୁଛନ୍ତି। ତେବେ ଲେଙ୍ଗ୍‌ଥ ବା ଲମ୍ବା ଓ ଫ୍ୟାବ୍ରିକ୍‌କୁ ନେଇ ଶର୍ଟ୍ସ ମଧ୍ୟ ବିଭିନ୍ନ ପ୍ରକାରର ହୋଇଥାଏ ; ଯେମିତି କି:

* **ବରମୁଡ଼ା ଶର୍ଟ୍ସ:** ଏହି ଷ୍ଟାଇଲ୍‌ର ଶର୍ଟ୍ସ ବା ଶର୍ଟ ପ୍ୟାଣ୍ଟକୁ ୱାକିଂ ଶର୍ଟ୍ସ ବା ଡ୍ରେସ୍ ଶର୍ଟ୍ସ ବି କୁହାଯାଇଥାଏ। ଏହି ପ୍ୟାଣ୍ଟର ଲମ୍ବ ସାଧାରଣତଃ ଆଣ୍ଠୁଠାରୁ ୧ ଇଞ୍ଚ ଉପରକୁ ରହିଥାଏ। ତା'ଛଡ଼ା ଏହା ଲୁଜ୍-ଫିଟ୍ ବି ହୋଇଥାଏ। ହାଫ୍ ଶାର୍ଟ ବା ଟି-ଶାର୍ଟ ଏହି ପ୍ୟାଣ୍ଟ ସହିତ ବେଶ୍ ଭଲ ମାନେ।
* **ଚିନୋ ଶର୍ଟ୍ସ:** ଏହି ପ୍ୟାଣ୍ଟ ସାଧାରଣତଃ କଟନ୍ ଫ୍ୟାବ୍ରିକ୍‌ରେ ତିଆରି ହୋଇଥାଏ। ଏହା ସହିତ ଫୁଲ୍ ସ୍ଲିଭ୍‌ବାଲା ଶାର୍ଟର ହାତକୁ ମୋଡିକି ପିନ୍ଧିଲେ ଷ୍ଟାଇଲିଶ୍ ଦେଖାଯାଇଥାଏ। ତା'ଛଡ଼ା ପ୍ଲେନ୍ ଟି-ଶାର୍ଟ ବି ଏହି ପ୍ୟାଣ୍ଟ ସହ ଭଲ ମାନିଥାଏ। କିନ୍ତୁ ପ୍ରିଣ୍ଟେଡ୍ ଟି-ଶାର୍ଟ ସେତେ ଭଲ ମ୍ୟାଚିଂ କରେନାହିଁ।
* **କାର୍ଗୋ ଶର୍ଟ୍ସ:** ଯେଉଁ ଯୁବକଙ୍କୁ ଅଧିକ ପକେଟ୍ ଥିବାବାଲା ଶର୍ଟ ପ୍ୟାଣ୍ଟ ପିନ୍ଧିବା ପସନ୍ଦ, ସେମାନଙ୍କ ପାଇଁ ଏହି କାର୍ଗୋ ଶର୍ଟ୍ସ ବେଷ୍ଟ ଅପ୍ସନ ହୋଇଥାଏ। କିନ୍ତୁ ଏହାକୁ କିଣିବା ସମୟରେ ଲାଟେଷ୍ଟ ଡିଜାଇନ୍ ପ୍ରତି ଧ୍ୟାନଦେବା ଦରକାର। ସେହିପରି ଏହି ପ୍ୟାଣ୍ଟ ସହିତ ଯୁବକମାନେ ଚାହିଁଲେ ଟି-ଶାର୍ଟ ବା ଫ୍ଲୋରାଲ୍ ଶାର୍ଟ ମଧ୍ୟ ଟ୍ରାଏ କରିପାରିବେ।
* **ସୁଇମିଂ ଟ୍ରଙ୍କ ଶର୍ଟ୍ସ:** ଖରାଦିନେ ଯେଉଁ ଯୁବକଙ୍କୁ ସମୁଦ୍ର କିମ୍ବା ନଦୀ ଜଳରେ ପହଁରି କି ମସ୍ତି କରିବାକୁ ଇଚ୍ଛା ଥାଏ, ସେମାନଙ୍କ ପାଇଁ ଏହି ଟ୍ରଙ୍କ ଶର୍ଟ୍ସ ଏକ ଭଲ ବିକଳ୍ପ । ଏହି ପ୍ୟାଣ୍ଟ ସହିତ ସ୍ଲିଭ୍ ଲେସ୍ ଟି-ଶାର୍ଟ କମ୍ଫର୍ଟ ଲୁକ୍ ଦେଇଥାଏ।
* **ବକ୍ସର୍ ଶର୍ଟ୍ସ:** ରାତ୍ରି ସମୟରେ ପିନ୍ଧିବା ପାଇଁ ଏହି ଶର୍ଟ ପ୍ୟାଣ୍ଟ ବେଶ୍ ଆରାମଦାୟକ ହୋଇଥାଏ। କିନ୍ତୁ ଏହାକୁ ପିନ୍ଧିକି ବାହାରକୁ ଗଲେ ସେତେ ଭଲ ଦେଖାଯାଏ ନାହିଁ। ଏହି ପ୍ୟାଣ୍ଟ ସହିତ କେବଳ ଟି-ଶାର୍ଟ ଅବା ସ୍ଲିଭ୍ ଲେସ୍ ଟି-ଶାର୍ଟ ହିଁ ଭଲ ମାନିଥାଏ।
* **ଡେନିମ୍ ଶର୍ଟ୍ସ:** ଏମିତି ବି କିଛି ଯୁବକ ଅଛନ୍ତି, ଯେଉଁମାନଙ୍କର ଡେନିମ୍ ଭାରି ପ୍ରିୟ। ସେମାନେ ଚାହିଁଲେ ଖରାଦିନେ ଡେନିମ୍ ଶର୍ଟ୍ସ ମଧ୍ୟ ପିନ୍ଧିପାରିବେ। ଘରେ ନିତ୍ୟ ବ୍ୟବହାର ଅପେକ୍ଷା ଏହାକୁ ଆଉଟିଂରେ ଗଲାବେଳେ ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।
* **ଆର୍ମି ଶର୍ଟ୍ସ:** କିଛି ଯୁବକଙ୍କୁ ଆର୍ମି ଡ୍ରେସ୍ ସହ ସାମଞ୍ଜସ୍ୟ ରହୁଥିବା ଅବା ଅବିକଳ ସେହି ଡିଜାଇନ୍‌ର ଡ୍ରେସ୍ ପିନ୍ଧିବାକୁ ଭଲ ଲାଗିଥାଏ। ଏମିତିରେ ଦେଖିଲେ ଖରାଦିନେ ପିନ୍ଧିବା ପାଇଁ ଆର୍ମି ଶର୍ଟ୍ସ ଏକ ସୁନ୍ଦର ଅପ୍ସନ ହୋଇଥାଏ। ଏହି ଶର୍ଟ୍ସ ଏତେ କମ୍ଫର୍ଟେବଲ୍ ହୋଇଥାଏ ଯେ, ଏହାକୁ ଆରାମରେ ନିତ୍ୟ ବ୍ୟବହାର କରିହୁଏ।

ତେବେ ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ନି-ଲେଙ୍ଗ୍‌ଥ ବା ଥାଇ-ଲେଙ୍ଗ୍‌ଥ ଶର୍ଟ୍ସ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିଥାଏ। ସେହିପରି ବସ୍ କିମ୍ବା ଟ୍ରେନ୍ ଯାତ୍ରା କରିବା ସମୟରେ ବରମୁଡ଼ା, ଚିନୋ କିମ୍ବା କାର୍ଗୋ ଶର୍ଟ୍ସ ପିନ୍ଧିବା ଆରାମଦାୟକ ହୋଇଥାଏ।







# ସ୍ଥପତି ରଘୁନାଥ

ପିଲାଟି ଦିନରୁ ସେ ତାଙ୍କ ବାପା, ଅଜାଙ୍କଠାରୁ ଶିଖିଥିଲେ କାଠ, ପଥର ଖୋଦେଇ କାମ । ତାଙ୍କ ନିହଣ-ମୁଗୁର ସ୍ପର୍ଶରେ ନିର୍ଜୀବ ପଥର ଲାଗୁଥିଲା ଜୀବନ୍ତ। ତାଙ୍କ କଳାଭାସ୍କର୍ଯ୍ୟ ଶୈଳୀର ସ୍ୱତନ୍ତ୍ର ପରିଚୟ କେବଳ ଆମ ରାଜ୍ୟ ଓ ଦେଶରେ ନୁହେଁ ବରଂ ସାରାବିଶ୍ୱରେ ନିଆରା ପରିଚୟ ସୃଷ୍ଟି କରିଛି। କିନ୍ତୁ ତାଙ୍କ ସ୍ଥପତିକାର୍ଯ୍ୟର ସବୁଶ୍ରେୟ ସେ ଦିଅନ୍ତି ମହାପ୍ରଭୁ କାଳିଆ ଠାକୁରଙ୍କୁ । ଏହି ବିରଳ ସ୍ଥପତି ଥିଲେ ମହାନ୍ ଶିଳ୍ପୀ ପଦ୍ମବିଭୂଷଣ ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର । ଜୀବତ ଅବସ୍ଥାରେ ତାଙ୍କ ସହ ହୋଇଥିବା ସାକ୍ଷାତ୍‌କାରର କିଛି ଅଂଶ। ପୁରୀ ହରଚଣ୍ଡୀ ସାହିରେ ଘର। କିନ୍ତୁ ପଥୁରିଆ ସାହି ଅଜାଙ୍କ ଘରେ ସେ ପୁଅ ହୋଇ ରହିଲେ। ନାମ ରଘୁନାଥ ମହାପାତ୍ର ଡାକନାମ ରଘୁ। ତାଙ୍କର ଜନ୍ମ-୧୯୪୩ ମସିହା ମାର୍ଚ୍ଚ ୨୪ ତାରିଖରେ। ପିତା ଦାମୋଦର ମହାପାତ୍ର, ମା' ଶକୁନ୍ତଳା ମହାପାତ୍ର। ଅଜା ଅପର୍ତ୍ତି ମହାପାତ୍ର (ମହାରଣା)ଥିଲେ ଶ୍ରୀମନ୍ଦିରର ସ୍ଥପତି। ପିଲାଦିନେ ଥରେ ରଘୁଙ୍କୁ ଟାଇଫଏଡ୍ ଜ୍ୱର ହୋଇଥିଲା । ତାଙ୍କ ବାପା ରଘୁଙ୍କୁ ଚିକିତ୍ସା ନିମନ୍ତେ ପୁରୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ରଘୁଙ୍କ ଦେହ ଅସୁସ୍ଥତା ବଢ଼ିଯିବାରୁ ତାଙ୍କ ଚିକିତ୍ସା ହୋଇ ପାରିବନି କହି ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଲେ। ନିରୁପାୟ ହୋଇ ଦାମୋଦର ପୁଅ ରଘୁଙ୍କୁ ଧରି ଘରକୁ ଫେରିବା ବାଟରେ ମା' ହରଚଣ୍ଡୀଙ୍କ ମନ୍ଦିରଠାରେ ଅଟକି ମା'ଙ୍କ ପାହାଚରେ ରଘୁଙ୍କୁ ଗଡ଼ାଇ ତାଙ୍କର ଆରୋଗ୍ୟ ମନାସିଥିଲେ। କିଛିକ୍ଷଣ ପରେ ରଘୁ କାନ୍ଦି ଉଠିଥିଲେ। ଯେତେବେଳେ ରଘୁନାଥ ୨/୩ୟ ଶ୍ରେଣୀରେ ପଢୁଥିଲେ ପାଠ ନ ହେବାରୁ ଥରେ ଶିକ୍ଷକ ତାଙ୍କୁ ବେତରେ ବାଡ଼େଇଥିଲେ । ହେଲେ ସେବେଠାରୁ ରଘୁନାଥ ଆଉ ସ୍କୁଲକୁ ନ ଯାଇ ଘରେ ଅଜା ମୂର୍ତ୍ତି ତିଆରି କରୁଥିବାର ଦେଖି ନିଜେ ମୁଗୁର ନିହଣ ଧରି ମୂର୍ତ୍ତି ତିଆରି କରିଲେ। ୧୦/୧୨ବର୍ଷ ବେଳକୁ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରିକରି ବଡ଼ଦାଣ୍ଡରେ ବିକ୍ରି କଲେ । ୧୯୫୯ ମସିହା କଥା। କଲିକତା ଓ ଭୁବନେଶ୍ୱରରୁ ୨ଜଣ ବ୍ୟକ୍ତି ପୁରୀ ଆସି ତାଙ୍କ ଅଜାଙ୍କ ମୂର୍ତ୍ତି ଗଢ଼ିବା କାମ ଦେଖିଲେ ଆଉ ତା' ପରେ ରଘୁନାଥଙ୍କୁ ଭୁବନେଶ୍ୱର ଯିବାକୁ କହିଲେ । ୧୮ବର୍ଷରୁ ରଘୁ ଭୁବନେଶ୍ୱରକୁ ଆସି ଖରାଖିଆ ବୈଦ୍ୟନାଥ ଲେନରେ ଏକ ଭଡ଼ାଘରେ ରହିଲେ। ଗୌତମ ନଗରରେ ଏକ ହସ୍ତକଳା ଡିଜାଇନ ସେଣ୍ଟରରେ କାମ କଲେ। ଏହି ଅଞ୍ଚଳରେ ଏକ କୂପ ଖୋଳାଯାଉଥିଲା। ସେଠାରୁ ପଥର ସଂଗ୍ରହକରି ଛୋଟଛୋଟ ମୂର୍ତ୍ତିଗଢି ଉତ୍କଳିକାରେ ବିକ୍ରି କଲେ। ସମୟକ୍ରମେ ଶାସନ ପଡ଼ିଆରେ ଘରଟିଏ କରି ୩ପୁଅ, ଦୁଇ ୨ଝିଅ ଓ ପତ୍ନୀ ରଜନୀ ମହାପାତ୍ରଙ୍କ ସହିତ ରହିଲେ। ଦିନେ ରଘୁ ମନେମନେ ଭାବିଲେ ସତରେ କ'ଣ ଦେବୀ ଅଛନ୍ତି ? ଏମିତି ବିଶ୍ୱାସର ସତ୍ୟତା ପାଇଁ ଅନେକ ସମୟରେ ସେ ଅନ୍ୟମନସ୍କ ହୋଇପଡୁଥିଲେ। ଏମିତିରେ ଥରେ ଘରେ ତ୍ରୈଲୋକ ସ୍ୱାମୀଙ୍କ 'ଜୀବନପଥେ'ପୁସ୍ତକଟିଏ ପାଇ ପଢ଼ିଲେ। ତା' ପରଦିନ ତାଙ୍କ ସାନଝିଅଙ୍କ ସ୍କୁଲବ୍ୟାଗରେ ହଳେ ଗିନିକୁ ଲୁଚାଇରଖି ଝିଅ ସ୍କୁଲ ଯିବାର ପଛେପଛେ ଘରୁ ବାହାରି ଆସିଲେ ଏବଂ ନିକଟରୁ ଆସୁଛି ବୋଲି ପତ୍ନୀଙ୍କୁ ମିଛ କହି ଆସି ପହଞ୍ଚିଲେ ଭୁବନେଶ୍ୱର ମାର୍କେଟ ବିଲଡିଂରେ। ଏଠାରୁ ଦୁଇଖଣ୍ଡ ଗାମୁଛା କିଣି ଏକ ଅଖା ବ୍ୟାଗରେ ସେସବୁ ଧରି କଟକ ଆସିଲେ । ସେଠାରୁ ଟ୍ରେନରେ ହାଓଡା -ବନାରସ ଯାଇ କାଶୀଘାଟରେ ଠାକୁରଙ୍କୁ ପୂଜାକଲେ। ମାତ୍ର କେହି ଜଣେ କାଶୀଘାଟରେ ତାଙ୍କ ଉପରକୁ ବାଲି ଫିଙ୍ଗି କହିଲେ ଏ ସ୍ଥାନ ତୁମର ନୁହଁ, ଏଠାରୁ ପଳାଅ। ଏଥିଯୋଗୁ ରଘୁନାଥ ସେଠାରୁ ଫେରି ଠାକୁରାଣୀଙ୍କ ସନ୍ଧାନରେ ମିର୍ଜାପୁର ଜିଲାର ବିନ୍ଧ୍ୟବାସିନୀଙ୍କ ପୀଠକୁ ଚାଲିଚାଲି ଯାଉଥିବା ବେଳେ ରାସ୍ତାରେ ଏକ ବସ୍ ଆସୁଥିବାରୁ ସେଥିରେ ବସି ସେ ବିନ୍ଧ୍ୟାଞ୍ଚଳ ଆସିଥିଲେ। କିନ୍ତୁ ଏଠାରେ କୌଣସି ଏକ ଘଟଣା ପାଇଁ ସେହି ରାତିରେ ବାହାର ଯାତ୍ରୀମାନଙ୍କୁ ତଡ଼ିଦେଲେ। ଫଳରେ ସେଠାରୁ ଅଧରାତିରେ ଏକ ଅଜଣା ରାସ୍ତାରେ ବହୁ ବାଟ ଚାଲିଚାଲି ଆସି ପହଞ୍ଚିଥିଲେ ଏକ ଜଙ୍ଗଲ ମଧ୍ୟରେ। ସେହି ଜଙ୍ଗଲର ଗୋଟଏ ସ୍ଥାନରେ ନିମ୍ବ, ବର ଏବଂ ଓସ୍ତ ଗଛ ରହିଛି । ସେଠାରେ ସେ ବିଶ୍ରାମ ନେଲେ। ନିକଟରେ ଗଙ୍ଗାନଦୀ ବହିଯାଇଛି। ପାଖରେ ପଡ଼ିଥିବା କେତୋଟି ଶଢ଼େଇକୁ ଗୋଟେଇ ସେଥିରେ ଗଙ୍ଗାରୁ ପାଣିଆଣି ପିଇଥିଲେ। ତା' ପରଦିନ ସେହି ସ୍ଥାନରୁ ପ୍ରାୟ ୪କିମି ଦୂରହେବ ଗୋଟିଏ ଅଞ୍ଚଳକୁ ଯାଇ ଶିବକାଳୀ ନାଁ ଧରି ଭିକ୍ଷା କରିଲେ। କିନ୍ତୁ ଅଧିକାଂଶ ଦିନ ଭୋକ ଉପାସ ଯୋଗୁ ରଘୁନାଥଙ୍କ ଦେହ ଦିନକୁ ଦିନ କ୍ଷୀଣ ହୋଇଯାଉଥାଏ। ଏମିତିରେ ପ୍ରାୟ ୭/୮ଦିନ ବିତିଗଲା। ଦିନେ ହଠାତ୍ ତାଙ୍କ ନିକଟକୁ ଜଣେ ବ୍ୟକ୍ତି ଆସି କହିଲେ, ଆମ ଗୁରୁ ଆପଣଙ୍କୁ ଡାକୁଛନ୍ତି ଆସନ୍ତୁ। ହେଲେ ରଘୁନାଥ ସେହି ବ୍ୟକ୍ତିଙ୍କ ସାହାରାରେ ଯାଇ ପହଞ୍ଚିଥିଲେ ଗଦାଧର ବାବାଙ୍କ ନିକଟରେ। ସେ ଖାଇବାକୁ ଖେଚୁଡ଼ି ଦେଲେ। ସେଦିନ ଗଛମୂଳେ ରଘୁନାଥ ନିଦରେ ଶୋଇପଡ଼ିଲେ। ଆଉ ସ୍ୱପ୍ନରେ ଦେଖୁଥାନ୍ତି ଜଣେ ସାଧୁ ସମୁଦ୍ରରେ ପହଁରୁଛନ୍ତି । ତାଙ୍କ ପାଖକୁ ଯିବାକୁ ସେ କହିଲେ। ସେଠାକୁ ବି ଗଲେ । ଆଉ ଦେଖିଲେ ସମୁଦ୍ର ମଝିରେ ରହିଛି ଏକ ମନ୍ଦିର । ଭିତରେ ଦେବୀଙ୍କ ମୂର୍ତ୍ତି ବିରାଜମାନ। ସିଂହାସନ ଫଛପଟୁ ସାଧୁମାନେ ଆସୁଛନ୍ତି, ଗରାରେ ପାଣି ଢାଳୁଛନ୍ତି। ରଘୁନାଥ ବି ମା'ଙ୍କ ପାଦରେ ଗଙ୍ଗାଜଳ ଢାଳିଲେ। ହଠାତ୍ ନିଦ ଭାଙ୍ଗିଗଲା। ଆଖିଖୋଲି ଦେଖିଲେ ସେତେବେଳୁ ସେ ରାମେଶ୍ୱରଙ୍କଠାରେ ପହଞ୍ଚି ସାରିଛନ୍ତି ତାହା ଜଣା ନ ଥିଲା। ସେଠାରେ ଜଣେ ପୂଜାରୀ ତାଙ୍କୁ କେତୋଟି ପୁରି ଖାଇବାକୁ ଦେଇ ଅଢ଼େଇ ଟଙ୍କା ଦେଇଥିଲେ। ବାଟରେ ବରକୋଳି କିଣି ଖାଇଲେ। ତା' ପରେ ବିନ୍ଧ୍ୟାଞ୍ଚଳ ଷ୍ଟେଶନରୁ କଲିକତା ଆସିଲେ। କୌଣସି କାରଣରୁ ସେଠାରେ ପୂର୍ବଦିନ ଯିବାର ଥିବା ଟ୍ରେନଟି ସେଦିନ ରହିଯାଇଥିଲା, ତେବେ ସେଠାରୁ ଆସି ମୋଗଲସରାଇରେ ଓହ୍ଲାଇଥିଲେ। ପରେ ସନ୍ଧ୍ୟାରେ ହାଓଡାରୁ ଟ୍ରେନରେ ଆସି ରାତି ପ୍ରାୟ ୩ଟାରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ଏଥର ଷ୍ଟେଶନରେ ରଘୁନାଥ ଓହ୍ଲେଇ ଲିଙ୍ଗରାଜ ଆଡ଼କୁ ଚାଲିଚାଲି ଆସିଲେ। ଦୀର୍ଘବର୍ଷ ପରେ ରଘୁଙ୍କୁ ଫେରିବା ଦେଖି ଘରେ ସମସ୍ତେ ଖୁସି ହୋଇପଡ଼ିଲେ । ଏହାପରେ ରଘୁନାଥ କଟକ ଯାଇ ଗୁରୁଜୀ ବୁଢାବାଙ୍କୁ ଦେଖାହେଲେ । ତାଙ୍କ ସାକ୍ଷାତ ପରେ ଧୀରେ ଧୀରେ ପରବର୍ତ୍ତନ ଘଟିଲା। ୧୯୫୯ରୁ ୧୯୯୨ଯାଏ ରଘୁନାଥ ଶହ ଶହ ଛାତ୍ରୀଛାତ୍ରଙ୍କୁ ସ୍ଥାପତ୍ୟକଳାର ଟ୍ରେନିଂ ଦେଇ ସାରିଛନ୍ତି।୨୦୧୬ରେ ରାଜ୍ୟ ଲଳିତକଳା ଏକାଡେମୀର ସଭାପତି ଥିଲେ। ବାରବାଟୀ ଷ୍ଟାଡିୟମ ଗେଟରେ ଘୋଡ଼ା ନିର୍ମାଣ, ମାଷ୍ଟରକ୍ୟାଣ୍ଟିନ ଛକରେ ସ୍ଥାପିତ ଏକ ଘୋଡ଼ା । ଧଉଳିରେ ବୁଦ୍ଧମୂର୍ତ୍ତି । ଜାପାନରେ ବୁଦ୍ଧଙ୍କ ମୂର୍ତ୍ତି । ଲଦାଖରେ ବୁଦ୍ଧମୂର୍ତ୍ତି, ବାଙ୍ଗାଲୋରରେ ନାରାୟଣ ମୂର୍ତ୍ତି, ଇମାମୀ ପରିସରରେ ସୂର୍ଯ୍ୟଦେବଙ୍କ ମୂର୍ତ୍ତି, ଝାନ୍‌ସୀ, ରାୟପୁର, ପାରାଦୀପ, ଚମ୍ପୁଆ ଆଦି ଶତାଧିକ ସ୍ଥାନରେ ବହୁ ମୂର୍ତ୍ତି ଓ ମନ୍ଦିର ଗଢ଼ିଛନ୍ତି। ରଘୁନାଥଙ୍କ ଘରକୁ ଥରେ ବିଜୁବାବୁ ଆସି କାଠର ଏକ ଗୋପୀନାଥ ମୂର୍ତ୍ତି ନେଇଥିଲେ। ନେହେରୁ ଓଡ଼ିଶା ଆସିଥିବାବେଳେ ରଘୁନାଥଙ୍କ ଏକ ବୃକ୍ଷର ମୂର୍ତ୍ତି ଦେଖି ଖୁବ୍ ପ୍ରଶଂସା କରିଥିଲେ। ୧୯୬୮ରେ ପ୍ରଥମେ ରଘୁନାଥ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଥିଲେ। ୧୯୭୬ରେ ପଦ୍ମଶ୍ରୀ, ୨୦୦୬ରେ ପଦ୍ମଭୂଷଣ, ଶିଳ୍ପୀଗୁରୁ,୨୦୧୩ରେ ପଦ୍ମବିଭୂଷଣ ଆଦି ସର୍ବୋଚ୍ଚ ସମ୍ମାନରେ ଭୂଷିତ । ୧୪ଜୁଲାଇ ୨୦୧୮ରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସେ ରାଜ୍ୟ ସଭାକୁ ମନୋନୀତ । କିନ୍ତୁ ରଘୁନାଥ କହିଥିଲେ କୋଣାର୍କ ଶୈଳୀରେ 'ଆଦିତ୍ୟ ନାରାୟଣ' ମନ୍ଦିର ନିର୍ମାଣ ହେଲେ ବିଶ୍ୱସ୍ତରରେ ଓଡ଼ିଶା କଳାସଂସ୍କୃତିର ଆଉ ଏକ ପରିଚୟ ଯୋଡ଼ି ହେବ। ଏଥିପାଇଁ ସେ ଆବଶ୍ୟକ ଜାଗା କିଣିସାରିଥିଲେ । ଶିଳ୍ପୀଗୁରୁ ରଘୁନାଥ ମହାପାତ୍ରଙ୍କ କ୍ରାଫ୍ଟ ସେଣ୍ଟରରେ ସ୍ଥାପତ୍ୟ କଳାର ଟ୍ରେନିଂ ଦିଆଯାଉଛି। ମାତ୍ର କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ୯ ମେ ୨୦୨୧ରେ ପ୍ରାୟ ୭୮ବର୍ଷ ବୟସରେ ଏହି ମହାନ୍ ସ୍ଥପତି ଶିଳ୍ପୀଗୁରୁ ରଘୁନାଥ ମହାପାତ୍ରଙ୍କ ଦେହାନ୍ତ ହୋଇଛି। ବିଶ୍ୱ ଦରବାରରେ କଳାସଂସ୍କୃତି ପାଇଁ ଏହି ମହାନ୍ ସ୍ଥପତି ସବୁଦିନ କଳାପ୍ରେମୀଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ।

**-ବନବିହାରି ବେହେରା**





# ଆଖପାଖ ନିଶୂନ୍

**ସୁସ୍ମିତା ମିଶ୍ର**

'ହେଲୋ ଦିଶା, ମୁଁ ଏବେ ମାର୍କେଟ ବିଲ୍ଡିଙ୍ଗରେ ଅଛି, ଘରେ ପହଞ୍ଚିକି ତତେ କଲ୍ କରୁଛି'' କଥା ସାରି ଫୋନ୍‌କୁ ପକେଟ୍ ଭିତରେ ରଖିଲା ଦେବୀ ମହାପାତ୍ର। କିଛି ବାକି ରହିଗଲାକି ଭାବି ଲିଷ୍ଟଟା ଆଉଥରେ ଦେଖିନେଲା ସେ। ଖାଲି ବାପାଙ୍କ ବିପି ଔଷଧଟା ରହିଗଲା। ସେଇଟା ସେ ରାସ୍ତାରୁ କିଣିନେବ। ଏଥର ହାତଘଣ୍ଟା ଉପରେ ନଜର ପକାଇଲା ଦେବୀ । ଓଃ! ବେଶ୍ ଡେରି ହୋଇଗଲାଣି, ବୋଉ ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇଯିବଣି ସେ ମନେ ମନେ ଭାବିଲା । ଅବଶ୍ୟ ଗଜପତିନଗର ଏଠାରୁ ବେଶି ବାଟ ନୁହେଁ। ଏମିତି ବି କୋରୋନା ପ୍ରଭାବରୁ ରାସ୍ତାରେ ବେଶି ଗହଳି ନଥିଲା ସେଦିନ। ମୋବାଇଲ ଫୋନ୍‌ଟିକୁ ବ୍ୟାଗରେ ରଖି ତରତର ହୋଇ ସ୍କୁଟି ଷ୍ଟାର୍ଟ କଲା ଦେବୀ। ଟ୍ରାଫିକ ଛକରୁ କିଛିବାଟ ଗଲାପରେ ଦେବୀ ସ୍କୁଟି ମିରରରେ ହଠାତ୍ ଲକ୍ଷ୍ୟ କଲା,କେହି ଜଣେ ତାକୁ ଫଲୋ କରୁଛି ବାଇକରେ। ଓଃ ମାଇଁ ଗଡ୍, ମନେ ମନେ ଡରିଗଲା ସେ। ଏଇ ସମୟରେ ରାସ୍ତାଟା ଶୂନଶାନ୍ ହେବାର ଥିଲା, ଧେତ୍ । ମନେ ମନେ ବିରକ୍ତ ହେଲା ସେ। ସେ ସମୟରେ ରାସ୍ତାରେ ଗାଡ଼ି ଚଳାଚଳ ବେଶି ନଥାଏ, ବେଶ୍ ସନ୍ତର୍ପଣରେ ସେ ଗାଡ଼ି ଚଲଉଥାଏ। ସୁବିଧା ଦେଖି ସେ ହାତଘଣ୍ଟାରେ ଆଖି ବୁଲାଇ ଆଣିଲା, ସନ୍ଧ୍ୟା ୭ ଟା ୧୫ ମିନିଟ। ଅପ୍ରତ୍ୟାଶିତ ଭାବେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆଉ ଏକ ବାଇକ୍ ଆସି ଠିକ୍ ତା'ର ସ୍କୁଟି ସାମ୍ନାରେ ଛିଡ଼ା ହୋଇଗଲା। ଆଖିଆଗରେ ଅରଣା ମଇଁଷିଟେ ଦେଖିଲା ପରି ହଡ଼ବଡ଼େଇ ଗଲା ଦେବୀ। ଆଖପାଖରେ କେହି ନଥିଲେ। କେମିତି ନିଜକୁ ରକ୍ଷା କରିବ ବୋଲି ଭାବୁ ଭାବୁ ତା' ସ୍କୁଟିର ଚାବିକୁ ଜଣେ ଯୁବକ ହାତେଇ ସାରିଥିଲା। ସେ ଚିତ୍କାର କରିବାକୁ ଚାହିଁଲା, କିନ୍ତୁ ଏକ ଶକ୍ତ ହାତର ଥାବା ତା'ପାଟିକୁ ବନ୍ଦ କରିଦେଲା। ହୋ ହୋ ହୋଇ ହସୁଥିଲେ ଦୁଇ ଯୁବକ ଓ ସେମାନଙ୍କ ଦୃଢ଼ ବନ୍ଧନ ଭିତରେ ଛଟପଟ ହେଉଥିଲା ଦେବୀ। ''କଣ ମାଡ଼ାମ୍, ଡରିଗଲକି?'' ତାଙ୍କ ଭିତରୁ ଜଣେ ପଚାରୁଥାଏ,ଯଦିଓ ଦୁଇଜଣଙ୍କ ମୁହଁରେ ଥିଲା ମାସ୍କ। ସେ ଅନୁଭବ କରିପାରୁଥିଲା ଯେ ସେମାନେ ତାକୁ ସେଠାରୁ ଟେକି ନେଇଯାଉଛନ୍ତି, ବୋଧହୁଏ ଏକ ନିଭୃତ ସ୍ଥାନକୁ । ସ୍କୁଟିଟା ସେମିତି ପଡ଼ିରହିଥିଲା ରାସ୍ତାରେ ଓ ବାଇକ୍ ଦୁଇଟା ବି। ଥାବା ଭିତରୁ ଦେବୀ ଦେଖିଲା ତାକୁ ସେମାନେ ଏକ ପୁରୁଣା ଭଙ୍ଗା ଆପାର୍ଟମେଣ୍ଟ ଭିତରକୁ ଟେକିନେଉଛନ୍ତି। ତାଙ୍କ ମନ୍ଦ ଉଦ୍ଦେଶ୍ୟ ତାକୁ ଆଉ ଅଜଣା ନଥିଲା। ସେ ଗୋଡ଼ ହାତ ଛାଟି ନିଜକୁ ବଞ୍ଚାଇବାର ସବୁ ପ୍ରକାର ଉଦ୍ୟମ କଲା, ହେଲେ ସବୁ ବ୍ୟର୍ଥ, ନିରର୍ଥକ !

ସେ ଦୁଇଜଣ ଅସାମାଜିକ ଯୁବକ ସେଠାରେ ମଦ ବୋତଲ ଖୋଲି ମଦ ପିଇଲେ। କିଛି ସମୟର ଧସ୍ତାଧସ୍ତି ପରେ ଏକ ଛାତି ଫଟା ଚିତ୍କାରରେ ଥରି ଉଠିଲା ଭଙ୍ଗା ଆପାର୍ଟମେଣ୍ଟଟି। ଟଳମଳ ହୋଇ ଉଠି ଛିଡାହେଲା ଦେବୀ, ଖୁବ୍ କଷ୍ଟରେ। ଡାହାଣ ହାତରେ ସେ ମୁଠାଇ ଧରିଥାଏ ରକ୍ତମଖା ଭଙ୍ଗା ମଦବୋତଲ, ଯେଉଁଥିରୁ ଥୋପା ଥୋପା ହୋଇ ରକ୍ତ ବୋହି ଚାଲିଥାଏ। ଘୃଣାର ସହ ଚଟାଣକୁ ଲକ୍ଷ୍ୟ କଲା ସେ। ଏକ ପାପୀ ଅମଣିଷର ରକ୍ତଭିଜା ଶରୀରଟି ପଡି ଛଟପଟ ହେଉଥିଲା ତଳେ, ଆଉ ଦୁଷ୍କର୍ମୀଟି ଭୟରେ ପଳାୟନ କରିସାରିଥିଲା ସେତେବେଳକୁ। ଦେବୀ ମେଞ୍ଚାଏ ଛେପ ଥୁ କରି ଫିଙ୍ଗି ଦେଲା ସେ ଛଟପଟ ହେଉଥିବା ଶରୀର ଉପରକୁ। ତା' ପରେ ନିଜକୁ ସଜାଡି ନେଇ ପାଖରେ ପଡ଼ିଥିବା ନିଜ ଭ୍ୟାନିଟ ବ୍ୟାଗ୍ ଭିତରୁ ମୋବାଇଲ ଫୋନ୍ ବାହାର କରି ସର୍ବ ପ୍ରଥମେ ପୋଲିସ ଷ୍ଟେଶନକୁ ଫୋନ୍ ଲଗେଇଲା ଦେବୀ - ହ୍ୟାଲୋ, ପୋଲିସ ଷ୍ଟେଶନ.........

*-ଆସିଷ୍ଟାଣ୍ଟ ସେକ୍ସନ ଅଫିସର, ଏସ୍ ଡି ଆଣ୍ଡ ଟି.ଇ ଡିପାର୍ଟମେଣ୍ଟ, କେଶରୀ ନଗର , ଭୁବନେଶ୍ୱର*



## ପ୍ରେମର ପରିଭାଷା

**ମମତା ପ୍ରିୟଦର୍ଶିନୀ ସାହୁ**

କୋଉଠି ଆଉ ବୁଝିପାରିଲି
ତା ହୃଦୟ ତଳର ଭାଷା
ତା'ରି ଭଳି ଅବୁଝା ରହିଗଲା
ଏଯାଏଁ !

ନିତି ଫେରେ
ସେଇ ସୂର୍ଯ୍ୟୋଦୟର ଜଙ୍ଗଲବୁଲାରୁ
କାଳେ ପ୍ରେମ ନିବେଦନ ଆସିବ ବୋଲି !

ନଈବାଲିରେ ସାଉଁଟି ଚାଲେ
ତା ନାଁ ଆଉ ମୋ ନାଁ ର ଯୁକ୍ତାକ୍ଷରକୁ !

ମୁଁ ଜାଣେ !
ମୋତେ
ପ୍ରେମିକାରୁ ଈଶ୍ୱରୀ କରିବାର
ପ୍ରୟାସରେ ସେ ମଗ୍ନ !

କିନ୍ତୁ ଏ ତପସ୍ୟା !
ରକ୍ତକୁ ପାଣି କରେ
ସ୍ପନ୍ଦନ କୁ ଓଟାରିନେଲାବେଳେ
ରାତି ହେଇଯାଏ ସାରା ରାତି ଏ

ତଥାପି !
ଗଲାରାତିର ସପନ
କୁଙ୍କୁମ ଆଉ ଅଳତାର ଦର୍ଶନ
ତୋ ପ୍ରେମ ନିବେଦନ ନୁହେଁ ତ
ଆଉ କ'ଣ ???

*-ଓଡିଆ ଅଧ୍ୟାପିକା,*
*ବାଲିଶଙ୍କରା , ସୁନ୍ଦରଗଡ*
*ମୋ-୯୩୩୭୦୬୭୧୮୬*

## ପ୍ରତ୍ୟାବର୍ତ୍ତନ

ମୁଁ ଅପେକ୍ଷା କରିବି
ମୋ ଆଶାକିରଣର ଶେଷତମ ଅନ୍ଧାରକୁ
ଡେଇଁ
ଧୂ ଧୂ ଜଳୁଥିଲାବେଳେ ବି ଜୁଇରେ
ମୋ ମୁହଁରେ ହସ ଧାରେ ଖେଳୁଥିବ
ଆଉଥରେ ଫେରିବାକୁ ସେ ରାସ୍ତାରେ
ଯାହା ଅର୍ଦ୍ଧନିର୍ମିତ ହୋଇ ରହିଛି
ତୁମ ହୃଦୟ ଆଡକୁ ।

***-ଅରିନ୍ଦମ ପାଳିତ***
*ଡମଣା , ଭୁବନେଶ୍ୱର*
*ମୋ-୯୫୮୩୬୭୪୩୧୪*

## ଝରା ଫୁଲ

**ପ୍ରଫୁଲ୍ଲ ସେଠୀ**

ପ୍ରାଣ ନଥିଲା ଘଟରେ
ଖପରା କେତେ ଖଣ୍ଡିର ପରିଚୟ ଧରି
ସେ ନିର୍ଯ୍ୟାତନାରେ ।
କାଳ କାଳକେ ମୃଗୁଣୀ ହିଁ ପଡ଼େ
ଫାନ୍ଦରେ
ହସି ହସି ଝରିଯାଏ ଫୁଲ
କାଲି ଯିଏ ହସୁଥିଲା ସକାଳେ ।

*-ସହ ନିର୍ଦ୍ଦେଶକ ଓଡ଼ିଆ ଭାଷା ସାହିତ୍ୟ*
*ଓ ସଂସ୍କୃତି ବିଭାଗ, ଓଡ଼ିଶା,*
*ମୋ-୯୮୬୧୩୮୩୩୫୨*


ପ୍ରଭାସ

# ରୋମାଣ୍ଟିକ ଅବତାର


**ବା**ହୁବଳି' ଫେମ୍ ପ୍ରଭାସ। ଦକ୍ଷିଣ ଭାରତୀୟ ସିନେମାରେ ସେ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ବିଶେଷଭାବରେ ଆକ୍ସନ ରୋଲ୍‌ରେ ସେ କେତେ ସିଦ୍ଧହସ୍ତ ତାହାର ନଜୀର ଅନେକ ସିନେମାରେ ଦେଖିବାକୁ ମିଳିସାରିଛି। ହେଲେ ଏଥର ଦର୍ଶକ ତାଙ୍କୁ ସମ୍ପୂର୍ଣ୍ଣ ନୂଆ ଅବତାରରେ ଦେଖିବାକୁ ପାଇବେ। ରୋଲ୍‌ରେ ରୋମାନ୍ସ ନିଶ୍ଚୟ ତ ରହିଛି। ହେଲେ ଏହାବ୍ୟତୀତ ଏହି ଭୂମିକାରେ ଏକ ସ୍ୱତନ୍ତ୍ରତା ରହିଛି। ଆଉ ତାହା କ'ଣ ସେ ବିଷୟରେ ପ୍ରଭାସ କହନ୍ତି, 'ନିକଟରେ ଏକ ସିନେମା ପାଇଁ ମୁଁ ଚୁକ୍ତିବଦ୍ଧ ହୋଇଛି। ହେଲେ ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଜଣେ ଗାଉଁଲି ପିଲା ଜୀବନରେ କିପରି ପରିବର୍ତ୍ତନ ଆସୁଛି ଏବଂ ସେ କିପରି ତାହାର ଲକ୍ଷ୍ୟ ହାସଲ କରୁଛି ତାହା ସିନେମାରେ ଦେଖିବାକୁ ମିଳିବ। ହେଲେ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି, ତେଣୁ କାହାଣୀ ବିଷୟରେ ସବିଶେଷ ସୂଚନା ଦେଇହେବ ନାହିଁ। ଅନ୍ୟପକ୍ଷରେ ମୋ ଅପୋଜିଟ୍‌ରେ କିଏ ନାୟିକା ହେବ ତାହା ଫାଇନାଲ ହେବାକୁ ଆଉ କିଛି ଦିନ ଲାଗିବ।' ତେବେ ଏପରି ନୂଆ ଅବତାରରେ ପ୍ରଭାସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ପରଦା ଉପରକୁ ଆସିଲେ ହିଁ ଜଣାପଡିବ।

# ଡିଜିଟାଲ ମାୟାରେ ସୋନାକ୍ଷୀ

**ଏ**ବେ ତ କରୋନା ମହାମାରୀର ଦ୍ୱିତୀୟ ଲହରରେ ସମଗ୍ର ଭାରତବର୍ଷ ପ୍ରଭାବିତ ହୋଇଛି। ସେପଟେ ଏଥିପାଇଁ ଶୁଟିଂ ବନ୍ଦ ରହିଛି। ତେବେ କେତେକ କଳାକାର ଏହି ସମୟରେ ଡିଜିଟାଲ ପ୍ଲାଟଫର୍ମରେ ପାଦ ଦେଇଛନ୍ତି। ଆଉ ସେହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା। ଜୋୟା ଅଖତର ପ୍ରଥମେ ତାଙ୍କୁ ଏକ ଡିଜିଟାଲ ଫିଲ୍ମରେ ଆକ୍ଟିଂ କରିବାକୁ ଅନୁରୋଧ କରିଥିଲେ। କିଛି ଦିନ ଏ ନେଇ ବିଚାର ବିମର୍ଷ କରିବା ପରେ ସୋନାକ୍ଷୀ ଏ ନେଇ ଗ୍ରୀନ ସିଗନାଲ ଦେଖାଇଥିଲେ। ଆଉ ନିକଟରେ ସେ ଏହାର ଶୁଟିଂ ଶେଷ କରିଛନ୍ତି। ଏପରି ପ୍ଲାଟଫର୍ମରେ ଏଣ୍ଟ୍ରି କରିବା ବିଷୟରେ ସେ କହନ୍ତି, 'ମୋତେ ଯେତେବେଳେ ଜୋୟା ଏ ନେଇ ପ୍ରପୋଜାଲ ଦେଲେ ମୁଁ ଟିକେ ଅଡୁଆରେ ପଡିଯାଇଥିଲି। ହେଲେ କିଛି ଦିନ ଥଣ୍ଡା ମିଜାସରେ ଚିନ୍ତା କରିବା ପରେ ଭାବିଲି ଯେ, ଦର୍ଶକଙ୍କ ସହ ରହିବାର ଏହା ମଧ୍ୟ ହେଉଛି ଏକ ଭଲ ମାଧ୍ୟମ। ତେଣୁ ଏହି ଡିଜିଟାଲ ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ହୋଇଥିଲି।' ତେବେ ଏହି ପ୍ଲାଟଫର୍ମରେ ସୋନାକ୍ଷୀ କେତେ ସକସେସ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।



# ଇମୋଶନାଲ କ୍ରିତି



**ଅ**ଭିନୟ କଲେ ସେ କେତେ ଇମୋଶନାଲ ହେବେ ତାହା ତ ଅଲଗା କଥା, ହେଲେ ସିନେମାର କାହାଣୀ ଶୁଣୁଶୁଣୁ ତାଙ୍କର ଆଖି ଛଳଛଳ ହୋଇଯାଇଥିଲା। ପୁଣି ପରିସ୍ଥିତି ଏମିତି ହେଲା ଯେ ସତସତିକା କାନ୍ଦି ପକାଇଲେ। ହଁ, ଏପରି ଏକ ଘଟଣା ନିକଟରେ ଘଟିଛି କ୍ରିତିଙ୍କ ଜୀବନରେ। କିଛି ଦିନ ପୂର୍ବରୁ ଜଣେ ପ୍ରଯୋଜକ କୋଭିଡ୍ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ଯୋଜନା କଲେ। ଏଥିରେ ସେ କ୍ରିତିଙ୍କୁ ସାଇନ୍ କରିବାକୁ ଆଗ୍ରହ ପ୍ରକାଶ କଲେ। ଯେତେବେଳେ ତାଙ୍କୁ ଭେଟି କାହାଣୀ ବିଷୟରେ ସୂଚନା ଦେଲେ ସେତେବେଳେ କ୍ରିତିଙ୍କୁ ଖୁସି ଦେଖେ କିଏ ? କାହାଣୀ ଯେତିକି ଆଗକୁ ବଢୁଥାଏ ସେହି ଅନୁସାରେ ସେ ଭାବପ୍ରବଣ ହୋଇପଡୁଥାଆନ୍ତି। ଶେଷରେ ନିଜ କୋହକୁ ରୋକି ନ ପାରି କ୍ରିତି କାନ୍ଦି ପକାଇଥିଲେ। ଏ ନେଇ ସେ କହନ୍ତି, 'ଏହି ସର୍ଟ ଫିଲ୍ମରେ ମୁଁ ଜଣେ ପରିବାରକୁ ହରାଇଥିବା ମହିଳା ଭୂମିକାରେ ଅଭିନୟ କରିବି। ସେହି ପରିବାର ପଛରେ ଥିବା ଦୁଃଖଦ କାହାଣୀ ଶୁଣି ମୁଁ ଇମୋଶନାଲ ହୋଇପଡିଲି। ଏପରି କି ଶେଷକୁ ମୁଁ କାନ୍ଦି ପକାଇଥିଲି। ଏବେ ତ କୋଭିଡ୍ ପାଇଁ ଶୁଟିଂ ବନ୍ଦ ଅଛି। ଯେତେବେଳେ ପରିସ୍ଥିତି ସୁଧୁରିଯିବ ସେତେବେଳେ ଶୁଟିଂ ଆରମ୍ଭ ହେବ। ତେବେ ଏହି ଫିଲ୍ମଟି ମୋ କ୍ୟାରିୟରରେ ଏକ ଟର୍ନିଂ ପଏଣ୍ଟ ଆଣିବ ବୋଲି ଆଶା ରଖିଛି।

# ମନ ଯାହା ଖୋଜୁଥିଲା..

**ମ**ନ କେତେବେଳେ କୁଆଡେ ଉଡିଯାଏ, ଆଉ କାହା ମନରେ ବସା ବାନ୍ଧେ ତାହା ଆକଳନ କରିବା କଷ୍ଟ। କିନ୍ତୁ ହଠାତ୍ ଜଣକ ସହ ଦେଖା, ପୁଣି ପ୍ରଥମ ଦେଖାରେ ପ୍ରେମରେ ପଡିବାର ଅନେକ ଉଦାହରଣ ରହିଛି। ତେବେ ଏହି ପ୍ରେମକୁ ସଠିକ୍ ଭାବରେ ଆଗେଇ ନେବା ହିଁ ବଡ କଥା। ମନ ପରି ମନଟିଏ ପାଇବା ପରେ ନିଜ ପ୍ରେମକୁ ସଫଳ କରିବାକୁ ଅଣ୍ଟା ଭିଡିଛି ବାଳୀ। ତା'ସହ ନିଜର ଆଉ ଏକ ଲକ୍ଷ୍ୟ ରହିଛି। ତାକୁ ଯେମିତି ହେଲେ ପୂରଣ କରିବାକୁ ପଡିବ। ହେଲେ ଏ ବାଳୀ କିଏ, ସେ କାହା ପ୍ରେମରେ ପଡିଛି ଆଉ ତାହାର ଅନ୍ୟତମ ଲକ୍ଷ୍ୟଟି କ'ଣ ତାହା ଜାଣିବା ପୂର୍ବରୁ ଅସଲ କଥା ବିଷୟରେ ସୂଚନା ଦେବା ଠିକ୍ ହେବ। 'ବାଳୀ-ଦ ସେଭିୟର' ଶୀର୍ଷକକୁ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ଆଉ ଏହାର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟକାନ୍ତ । ଜଣେ ସାଧାରଣ ଯୁବକ କିପରି ଲୋକମାନଙ୍କର ଦୁଃଖସୁଖରେ ନିଜକୁ ଭାଗିଦାର କରିପାରୁଛି ଏବଂ ଏଥିପାଇଁ ସବୁ ପ୍ରକାର ଚ୍ୟାଲେଞ୍ଜର ସାହସର ସହ ସାମନା କରୁଛି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଉକ୍ତ ସିନେମାରେ ତାଙ୍କ ନାୟିକା ସାଜିଛନ୍ତି ମାମା ସାମଲ। ଏହି ଯୋଡି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜିତ ଏବଂ କେ. ମୁରଲିକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ ଏହି ସିନେମାର ସମସ୍ତ କାମ ଶେଷ ହୋଇଛି ଏବଂ କୋଭିଡ୍ ପରେ ପ୍ରେକ୍ଷାଳୟ ଖୋଲିଲେ ରିଲିଜ ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।


ସୂର୍ଯ୍ୟକାନ୍ତ-ମାମା

# କାହାକୁ ଡରନ୍ତି କାଜଲ

**ତେ**ଲୁଗୁ ହେଉ ଅବା ତାମିଲ ସିନେମାରେ ଜଣେ ପରିଚିତା ଅଭିନେତ୍ରୀ ହେଉଛନ୍ତି କାଜଲ ଅଗ୍ରୱାଲ। ମଡେଲିଂରୁ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ ଆଉ ପରେ ପାଦ ଦେଇଥିଲେ ବଡ ପରଦାରେ। ପ୍ରଥମ ସିନେମା ସିନା ଫ୍ଲପ୍ ହେଲା, ହେଲେ 'ମଗଧୀରା'ର ସଫଳତା ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିବାରେ ସାହାଯ୍ୟ କରିଥିଲା। ଆଉ ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତା'ସହ ବଲିଉଡ୍‌ରେ ଅଜୟ ଦେବଗନଙ୍କ ସହ 'ସିଙ୍ଘମ'ରେ ଅଭିନୟ କରି ସେ ସାଉଁଟିଥିଲେ ବେଶ୍ ପ୍ରଶଂସା। ତାଙ୍କର ବ୍ୟକ୍ତିଗତ ଜୀବନରେ ଏକ ରୋଚକ କଥା ରହିଛି। ସେ ଜଣକୁ ଭାରି ଭୟ କରନ୍ତି। ତାକୁ ଦେଖିବା ମାତ୍ରେ ବାଟ କାଟି ଚାଲିଯାଆନ୍ତି। ତାହା ହେଲା କୁକୁର । କୁକୁରକୁ ସେ ଭାରି ଭୟ କରନ୍ତି। ଏ ନେଇ କାଜଲ କହନ୍ତି, 'ଥରେ ପିଲାଦିନେ ମୋତେ ଗୋଟିଏ କୁକୁର କିଛି ବାଟ ଗୋଡାଇ ଥିଲା। ସେହିଦିନରୁ ମୋର କୁକୁର ପ୍ରତି ଭୟ ରହିଆସିଛି। ସେପରି ମାନସିକତାଠାରୁ ନିଜକୁ ଦୂରେଇ ରଖିବାକୁ ଚାହିଁଲେ ମଧ୍ୟ ସଫଳ ହୋଇପାରୁନି।' କାଜଲଙ୍କ ସାନ ଭଉଣୀ ନିଶା ଅଗ୍ରୱାଲ ମଧ୍ୟ ଜଣେ ଅଭିନେତ୍ରୀ। ଟଲିଉଡ୍‌ର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ନାୟିକାମାନଙ୍କ ତାଲିକାରେ କାଲଜଙ୍କ ନାମ ରହିଛି।


କାଜଲ ଅଗ୍ରୱାଲ

**ପ୍ରଥମ ରୋଜଗାର**

# ଦରମା ଟଙ୍କା ଘରକୁ ପଠାଉଥିଲି



ଜୁନିୟର୍ ଆକାଉଣ୍ଟାଣ୍ଟ ତଥା ସାମାଜିକ କର୍ମୀ **ଜୀବନ ବଲ୍ଲଭ ମାନସିଂହ** (କୁନା) ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ଅନ୍ତର୍ଗତ କୁହୁଡ଼ିଠାରେ ମୋ ଜନ୍ମ। ଜନତା ଉଚ୍ଚ ବିଦ୍ୟାଳୟରୁ ୧୯୭୮ ମସିହାରେ ମାଟ୍ରିକ୍ ପାସ୍ କରିବା ପରେ ରାଉରକେଲାରେ ବାଣିଜ୍ୟ ବିଭାଗରେ ଇଣ୍ଟରମିଡିଏଟ୍ ପଢିଥିଲି। ତା'ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ଗ୍ରାଜୁଏସନ୍ ଶେଷ କଲି। ଇଚ୍ଛା ଥିଲା ସାମ୍ବାଦିକତା କିମ୍ବା ରାଜନୀତି କ୍ଷେତ୍ରରେ କ୍ୟାରିୟର୍ କରିବାକୁ। ସେଥିପାଇଁ ମୁଁ ଓ ମୋ ବଡ଼ ଭାଇ ମିଶି ୧୯୮୫ ମସିହାରେ 'କ୍ୟାପିଟାଲ୍ ଖବର' ନାମରେ ଏକ ସାପ୍ତାହିକ ଖବରକାଗଜ ପ୍ରକାଶ କଲୁ। ଏଥିରେ ମୁଖ୍ୟତଃ ବିଭିନ୍ନ ପ୍ରକାର ଇନ୍‌ଭେଷ୍ଟିଗେଟିଭ୍ ନ୍ୟୁଜ୍ ପ୍ରକାଶ ପାଉଥିଲା, ଯାହାକୁ ପାଠକମାନେ ଖୁବ୍ ପସନ୍ଦ ମଧ୍ୟ କରୁଥିଲେ। କିନ୍ତୁ ଏଥିରେ ଖର୍ଚ୍ଚ ଅଧିକ ହେଉଥିବାରୁ, ଆମ ପକ୍ଷେ ତାକୁ ଚଳାଇବା ଭାରି କଷ୍ଟ ହେଲା। ଅବଶ୍ୟ ସେତେବେଳେ କେତେଜଣ ଏହି ଖବରକାଗଜଟିକୁ କିଣି ନେବାକୁ ଆମକୁ ଅନେକ ଅଫର୍ ବି ଦେଇଥିଲେ। କିନ୍ତୁ ନିଜ ସ୍ୱାଭିମାନକୁ ହରାଇ ଖବରକାଗଜକୁ ଅନ୍ୟ ହାତକୁ ଟେକି ଦେବାକୁ ଆମକୁ ଭଲ ଲାଗିଲାନି। ତେଣୁ ବାଧ୍ୟ ହୋଇ ମାତ୍ର ବର୍ଷଟିଏ ଚଳାଇ ଆମେ ତାକୁ ବନ୍ଦ କରିଦେଲୁ। ତା'ପରେ ଘରର ଦୁର୍ବଳ ଆର୍ଥିକ ପରିସ୍ଥିତିକୁ ଦେଖି ଚାକିରି କରିବାକୁ ନିଷ୍ପତ୍ତି ନେଲି ଆଉ ସିଭିଲ୍ ସପ୍ଲାଏ କର୍ପୋରେସନ୍‌ରେ ଜୁନିୟର୍ ଆକାଉଣ୍ଟାଣ୍ଟ ଭାବେ ଜଏନ୍ କଲି। ମୋର ପ୍ରଥମ ପୋଷ୍ଟିଂ ବଲାଙ୍ଗୀରରେ ହୋଇଥିଲା। ସେତେବେଳେ ମାସକୁ ମାତ୍ର ହଜାରେ ଟଙ୍କା ଦରମା ମିଳୁଥିଲା। ଘରଭଡ଼ା ତଥା ନିଜ ଖାଇବାପିଇବା ବାବଦେ କିଛି ଟଙ୍କା ପାଖରେ ରଖି ବାକି ଟଙ୍କା ଘରକୁ ପଠାଇ ଦେଉଥିଲି। ପାଖାପାଖି ୮ ବର୍ଷ ବଲାଙ୍ଗୀରରେ ରହିବା ପରେ ଭୁବନେଶ୍ୱରକୁ ମୋର ବଦଳି ହେଲା। ତା'ପରେ ସୁନ୍ଦରଗଡ଼, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, ଗଞ୍ଜାମ, ଫୁଲବାଣୀ ଆଦି ସ୍ଥାନରେ କିଛି କିଛି ବର୍ଷ କାମ କରିବା ପରେ ଏବେ ମୁଁ ବରଗଡ଼ରେ କାର୍ଯ୍ୟରତ। ଆଉ ମାତ୍ର ବର୍ଷେ ଅଛି ଚାକିରିରୁ ଅବସର ନେବାକୁ। ଏ ତ ଥିଲା ମୋର ଚାକିରି ଜୀବନ କଥା। ଏହାବାଦ୍ ଲେଖାଲେଖିରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ସ୍କୁଲ, କଲେଜବେଳେ ଗପ, କବିତା, ପ୍ରବନ୍ଧ ତଥା ବିଭିନ୍ନ ପ୍ରକାରର ଅନୁସନ୍ଧାନମୂଳକ ଲେଖା ଖୁବ୍ ଲେଖୁଥିଲି। ମୋ ଲେଖାମାନ ସ୍କୁଲ୍, କଲେଜ ମାଗାଜିନ୍‌ରେ ବି ପ୍ରକାଶ ପାଉଥିଲା। କେବଳ ଲେଖାଲେଖି କରୁଥିଲି ତାହା ନୁହେଁ ଖୁବ୍ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ଡ୍ରାମାରେ ଅଭିନୟ ମଧ୍ୟ କରୁଥିଲି। ଏପରିକି ରାଉରକେଲାରେ ପଢିବା ସମୟରେ ମୁଁ ଡ୍ରାମା ପାଇଁ ସ୍କ୍ରିପ୍ଟ ଲେଖି ପୁରସ୍କୃତ ବି ହୋଇଥିଲି। ଚାକିରି କରିବା ପରେ ମଧ୍ୟ ବେଶ୍ କିଛିଦିନ ଲେଖାଲେଖି କରିବା ସହ ପେଣ୍ଟିଂ କରୁଥିଲି। କିନ୍ତୁ ଧୀରେ ଧୀରେ କାର୍ଯ୍ୟଭାର ତଥା ପାରିବାରିକ ଜଞ୍ଜାଳ ବଢିବାରୁ ଆଉ ଲେଖାଲେଖି କରିବାକୁ ସମୟ ପାଇଲିନି। ହେଲେ ବିଭିନ୍ନ ପ୍ରକାର ବହି, ମାଗାଜିନ୍, ତଥା ଖବରକାଗଜ ପଢିବାର ରୁଚି ଆଜିଯାଏ ବି ରହିଛି। ଏହାଛଡ଼ା ମୋ ଗାଁ ସହ ମୋର ଖୁବ୍ ନିବିଡ଼ ସମ୍ପର୍କ ଅଛି। ବାହାରେ ରହି ଚାକିରି ସିନା କରୁଛି, ହେଲେ ମୋର ମନ ସବୁବେଳେ ଗାଁରେ। ଗାଁରେ କାହାର କିଛି ଅସୁବିଧା ହେଲେ କିମ୍ବା ଗାଁରେ କିଛି ଉନ୍ନତିମୂଳକ କାର୍ଯ୍ୟ ହେଲେ ମୁଁ ମୋ ସକ୍ଷମତେ ସାହାଯ୍ୟ କରିବାକୁ ସବୁବେଳେ ପ୍ରସ୍ତୁତ ଥାଏ। ଏହା ମୋତେ ବେଶ୍ ଆନନ୍ଦ ବି ଦିଏ। ଇଚ୍ଛା ଅଛି, ଅବସର ପରେ ମୁଁ ମୋ ବାକି ଜୀବନତକ ଗାଁରେ ଶାନ୍ତିରେ କାଟିବାକୁ। ଦେଖାଯାଉ ଭଗବାନଙ୍କର କ'ଣ ବରାଦ ରହିଛି।

# ମନରେ ଭରିଛି ପ୍ରେମର ତାତି, ସରିନି ସପନ ପାହିଲା ରାତି

**ସାଥୀ**



**ପ୍ରଶ୍ନ**–ସେ ମୋ ମନର ମାନସୀ। ସବୁଦିନେ ମୋ ସାମ୍ନାକୁ ଆସେ। ହେଲେ ବାସ୍ତବରେ ନୁହେଁ, ସପନରେ। କିନ୍ତୁ ଆଉ ସେ ଆସୁନି। ମୋ କଥା ସରିନି ହେଲେ ସେ କୁଆଡେ ଚାଲିଗଲା ଜାଣିପାରିଲି ନାହିଁ। ଏବେ ମୁଁ କ'ଣ କରିବି ?

*–ସୁବୋଧ କୁମାର, ବାଲେଶ୍ୱର*

**ଉତ୍ତର :** ଗୋଟିଏ କଥା ପ୍ରଥମେ ନିଜ ମଗଜ ଭିତରେ ଭର୍ତ୍ତି କରନ୍ତୁ ଯେ, ସ୍ୱପ୍ନ ଆଉ ବାସ୍ତବତା ଭିତରେ ଆକାଶ ପାତାଳ ଫରକ ରହିଛି। ସପନର ରଙ୍ଗିନ ଦୁନିଆରେ ରଜା ସାଜି ଆପଣ ଘୂରି ବୁଲୁଛନ୍ତି। ହେଲେ ସେହି ଖୁସି କ୍ଷଣିକ ମାତ୍ର। ଦେଖୁନାହାନ୍ତି, ରାତି ପାହିଗଲା, ହେଲେ ଆପଣଙ୍କ ଆଶା ସେମିତି ଅଧୁରା ରହିଯାଇଛି। 'ମନରେ ଭରିଛି ପ୍ରେମର ତାତି, ସରିନି ସପନ ପାହିଲା ରାତି'। ତେଣୁ ଆଉ ସେହି ସପନ ରାଇଜରେ ମନର ମାନସୀ ପଛରେ ଗୋଡାଇଲେ କିଛି ଲାଭ ନାହିଁ। ଯେମିତି ସପନ ଭାଙ୍ଗିଯିବ ସେହି ଅନୁସାରେ ଆପଣଙ୍କ ପ୍ରେମର ରଙ୍ଗ ବଦଳିଯିବ। ବାସ୍, ଅସଲ ଦୁନିଆରେ ମନର ମାନସୀଟିଏ ଖୋଜି ତା' ହୃଦୟରେ ନିଜ ଦିଲ୍‌କୁ ଲକ୍‌ଅପ୍ କରିଦିଅନ୍ତୁ। ଯଦି ଦୁଇ ପଟରୁ ସିଗ୍‌ନାଲ ଠିକ୍ ରହିଲା, ତେବେ ଅସଲ ପ୍ରେମର ମଜା କେତେ ମିଠା ତାହା ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ**–କେତେ କଷ୍ଟରେ ଜଣେ ସୁନ୍ଦରୀ ମନକୁ ଜିଣିଥିଲି। ହେଲେ ମାସ କେଇଟା ପରେ ତା' ମନ ବଦଳିଗଲା। ଏବେ ସେ ମୋତେ ଦେଖିଲେ ଚାହୁଁନାହିଁ। ସେ ଆଉ କ'ଣ ମୋତେ ଭଲ ପାଉନି ?

*–ଆଦିତ୍ୟ ରାଉତ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର :** ଯାହା ଜଣାପଡୁଛି, ଆପଣଙ୍କ ପ୍ରେମରେ କିଛି କେଁ ରହିଯାଇଛି। ହୁଏତ ଆରମ୍ଭରୁ ସେ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଇପାରୁଥାଏ, ହେଲେ ଏ ପରିବର୍ତ୍ତନଶୀଳ ଦୁନିଆରେ କ୍ଷଣିକରେ ଅନେକ କଥା ବଦଳି ଯାଇଥାଏ। ତେଣୁ ଯେଉଁ ବିଶ୍ୱାସ ଉପରେ ଠିଆହୋଇ ଆପଣଙ୍କ ପ୍ରେମିକାକୁ ନେଇ ରଙ୍ଗିନ ସ୍ୱପ୍ନ ଦେଖୁଥିଲେ ତାହା କେମିତି ନିମିଷକ ମଧ୍ୟରେ ଚୂରମାର ହୋଇଗଲା ଅନୁମାନ କରିପାରୁଛନ୍ତି ତ ? ବୋଧହୁଏ, ଆପଣଙ୍କ ପ୍ରେମ ଯେତିକି ଆଗକୁ ବଢ଼ିଛି ସେହି ଅନୁସାରେ ବିଶ୍ୱାସ ବନ୍ଧଟି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ଆଉ ଶେଷରେ ତାହାର ଫଳ କ'ଣ ହେଲା ତାହା କହିବା ଅନାବଶ୍ୟକ। ତେଣୁ ସେପରି ପ୍ରେମିକା ଆଉ ପ୍ରେମକୁ ଭୁଲିଗଲେ ହୁଏତ ଆପଣଙ୍କ ପାଇଁ ଭଲ ହୋଇପାରେ।

**ପ୍ରଶ୍ନ**–ମୁଁ ନିକଟରେ ମୋ ବଡ଼ ଭାଇଙ୍କ ଶାଳୀ ପ୍ରେମରେ ପଡ଼ିଯାଇଛି। ସେ ମୋତେ ଭଲ ପାଏ ଏବଂ ମୁଁ ମଧ୍ୟ ତାକୁ ଭଲ ପାଏ। ହେଲେ ଆମର ଏହି ପ୍ରେମ ସଫଳ ହେବ ତ ?

*–ରୁଦ୍ର ନାୟକ, ଢେଙ୍କାନାଳ*

**ଉତ୍ତର :** ଏପରି ପ୍ରେମର ପରିଣାମ ଯାହା ହେବ ତାହା ତ ଅଲଗା କଥା, ହେଲେ ଏହି ଘଟଣା କେତେ ଗୁରୁତର ତାହା ପ୍ରଥମେ ହୃଦୟଙ୍ଗମ କରନ୍ତୁ। କାରଣ ବଡ଼ ଭାଇଙ୍କ ଶାଳୀକୁ ଆପଣ ଭଲ ପାଉଛନ୍ତି, ହୁଏତ ତାକୁ ବିବାହ କରିପାରନ୍ତି, ହେଲେ ତାକୁ ଆପଣଙ୍କ ପରିବାର ଗ୍ରହଣ କରିବେ ତ ? ଯଦି ଗ୍ରହଣ କଲେ ତ ଭଲ କଥା, ଯଦି ସେମାନେ ଏଥିରେ ଅରାଜି ହେଲେ ତେବେ ଆପଣଙ୍କ ପରିବାରରେ ଗୋଟିଏ ଅଶାନ୍ତିର ବାତାବରଣ ଲାଗିରହିବ। ତେଣୁ ବେଳକାଳ ଦେଖି ବ୍ୟବସ୍ଥା କରନ୍ତୁ। କାରଣ ଏବେ ସବୁ କିଛି ଦୁଇ ପରିବାର ଉପରେ ହିଁ ନିର୍ଭର କରେ। ଆଉ ଯଦି ଆପଣଙ୍କ ମନ ଏ ନେଇ ସବୁବେଳେ ପଛକୁ ଟାଣୁଛି, ତେବେ ଏଭଳି ପ୍ରେମରେ ଯବନିକା ଟାଣିଦେବା ହିଁ ଭଲ ହେବ, ନା, କ'ଣ କହୁଛନ୍ତି !

# ଅଜବ ସ୍ଥାପତ୍ୟ

**ସ୍ଥାପତ୍ୟ ବିଭିନ୍ନ ପ୍ରକାରର । କିଏ ତାକୁ ମାଟି, ପଥରରେ ତ କିଏ କୌଣସି ଧାତୁରେ ତିଆରି କରନ୍ତି। ତେବେ ଆମେ ଏଠାରେ ଯେଉଁ ସ୍ଥାପତ୍ୟ କଥା କହୁଛୁ ତାହା ଟିକେ ଭିନ୍ନ। କାରଣ ଏସବୁ ତିଆରି ଅଜବ ପଦାର୍ଥରେ...**





**ଘୋଡ଼ାନାଲରେ ଘୋଡ଼ା ପ୍ରତିମୂର୍ତ୍ତି–** ଘୋଡ଼ା ଆକାରର ଏବଂ ସତସତିକା ଘୋଡ଼ା ପରି ଲାଗୁଥିବା ଏହି ପ୍ରତିମୂର୍ତ୍ତି ତିଆରି ହୋଇଛି ଘୋଡ଼ା ନାଲରେ। ଲାଗୁଛି ସତେଯେମିତି ଘୋଡ଼ାଟି ଘାସ ଖାଉଛି। ଏହାକୁ ତିଆରି କରିଛନ୍ତି ଡୋନି ଫୋକ୍। ଏଥିରେ ବ୍ୟବହାର ହୋଇଛି ୧,୦୭୧ ଟି ଘୋଡ଼ାନାଲ। ଘୋଡ଼ାନାଲରେ ଆହୁରି ମଧ୍ୟ ଅନେକ ପୋଜ୍‌ର ଘୋଡ଼ା ପ୍ରତିମୂର୍ତ୍ତି ତିଆରି ହୋଇଛି। ଯେମିତିକି ଘୋଡ଼ା ବାଡ଼ ଡେଉଁଥିବା, ଦୁଇଗୋଡ଼ରେ ଠିଆ ହୋଇଥିବା ଆଦି। ଏସବୁ ବହୁତ ଆକର୍ଷକ ଲାଗେ।

**ଟୁଥ୍‌ପିକ୍‌ରେ ତିଆରି ସବୁଠୁ ବଡ଼ କୁମ୍ଭୀର–** ମାଇକେଲ ସ୍ମିଥ୍ ହେଉଛନ୍ତି ଆମେରିକୀୟ କଳାକାର। ସେ ଟୁଥ୍‌ପିକ୍‌ରେ ସବୁଠୁ ବଡ଼ କୁମ୍ଭୀରର ପ୍ରତିମୂର୍ତ୍ତି ତିଆରି କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ଦୈତ୍ୟାକାର କୁମ୍ଭୀରର ନାମ ସେ ଆଲି ରଖିଛନ୍ତି। ଏହାକୁ ତିଆରି କରିବା ପାଇଁ ମାଇକେଲ ୩ ମିଲିୟନ ଟୁଥପିକ୍ ବ୍ୟବହାର କରିଛନ୍ତି। ଆଲିର ଲମ୍ବ ହେଉଛି ୫ ଫୁଟ୍ ଏବଂ ଓଜନ ୧୩୨.୪ କି.ଗ୍ରା.।



**ବେଲୁନ୍‌ରେ ତିଆରି ସବୁଠୁ ବଡ଼ ଟେଡି ବିୟର୍ –** ଟେଡି ବିୟର୍ ଅନେକଙ୍କର ପ୍ରିୟ ଖେଳଣା। ଏହି ପ୍ରିୟ ଖେଳଣାକୁ ଆଉ ଏକ ପ୍ରିୟ ଖେଳଣାରେ ତିଆରି କରିଛନ୍ତି ଜଣେ କଳାକାର। ଅର୍ଥାତ୍ ଜେଫ୍ ଓଙ୍ଗ କଙ୍ଗ ଚେଓଙ୍ଗ ଓ ତାଙ୍କ ଟିମ୍ ମିଶି ପିଲାଙ୍କ ପ୍ରିୟ ଖେଳଣା ବେଲୁନ୍‌ରେ ତିଆରି କରିଛନ୍ତି ସବୁଠାରୁ ବଡ଼ ଟେଡି ବିୟର୍। ତେଣୁ ଏହି ଟେଡି ବିୟର ପିଲାମାନଙ୍କୁ ନିଶ୍ଚୟ ଭଲ ଲାଗିବ। ଏହା ଏକ ଥ୍ରୀଡି ଖେଳଣା ଟେଡି ବିୟର୍। ଏଥିରେ ୧,୦୪,୬୬୮ଟି ବେଲୁନ୍ ବ୍ୟବହାର ହୋଇଛି। ୨୦୧୪ ନଭେମ୍ବର ୨୮ରେ ଏହା ହଂକଂର ପିକ୍ ଗ୍ୟାଲେରିଆରେ ପ୍ରଦର୍ଶିତ ହୋଇଥିଲା।

**ପ୍ଲାଷ୍ଟିକ ବୋତଲରେ ତିଆରି ଭାସମାନ ବ୍ରିଜ୍–** ୨୦୧୪ରେ ଇଟାଲୀର ଲେକ୍ ମାଗିଓର୍‌ରେ ତିଆରି ହୋଇଥିଲା ଏକ ସ୍ୱତନ୍ତ୍ର ଭାସମାନ ବ୍ରିଜ। ଏହି ବ୍ରିଜ୍‌ର ସ୍ୱତନ୍ତ୍ରତା ହେଉଛି ଯେ, ଏହା ସମ୍ପୂର୍ଣ୍ଣଭାବେ ପ୍ଲାଷ୍ଟିକ୍ ବୋତଲରେ ତିଆରି। ଏହାକୁ ତିଆରି କରିଥିଲେ କମ୍ୟୁନ ଡି ବାଭେନୋ। ବ୍ରିଜ୍‌କୁ ତିଆରି କରିବା ପାଇଁ ସେ ବ୍ୟବହାର କରିଥିଲେ ୪୩,୨୯୬ଟି ପ୍ଲାଷ୍ଟିକ୍ ବୋତଲ। ଏହା ୪୯୬.୩୯ ଫୁଟ୍ ଲମ୍ବା, ୬.୮୮ ଫୁଟ୍ ଓସାର ଏବଂ ୧.୧୪ଫୁଟ୍ ଉଚ୍ଚତା ବିଶିଷ୍ଟ ଥିଲା।

**ପେପର୍ କ୍ଲିପ୍‌ରେ ତିଆରି ପୋଲ୍ ଡ୍ୟାନ୍ସ ପ୍ରତିମୂର୍ତ୍ତି –** ଇଟାଲୀୟ କଳାକାର ପିଏଟ୍ରୋ ଡି'ଆଙ୍ଗେଲୋ ୨୦୦୮ ମସିହାରୁ ପେପର୍ କ୍ଲିପ୍‌ରେ ବିଭିନ୍ନ ପ୍ରକାରର ସ୍ଥାପତ୍ୟ କରୁଛନ୍ତି। ତେବେ ତା' ମଧ୍ୟରେ ୨୦୦୮ରେ ତିଆରି ପୋଲ୍ ଡ୍ୟାନ୍ସ କରୁଥିବା ସ୍ଥାପତ୍ୟ ସବୁଠାରୁ ଲମ୍ବା । ପିଏଟ୍ରୋ ଏହି ସ୍ଥାପତ୍ୟ ଗଢ଼ିବା ପାଇଁ ସ୍ୱତନ୍ତ୍ର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପେପରକ୍ଲିପ୍ ବ୍ୟବହାର କରନ୍ତି। ଗୋଟିଏ ସ୍ଥାପତ୍ୟ ଗଢ଼ିବାକୁ ତାଙ୍କୁ ୨ରୁ ୩ ମାସ ସମୟ ଲାଗେ।

**କୋଟ୍ ହ୍ୟାଙ୍ଗରରେ ଗରିଲା–** ମଣିଷଠାରୁ ଆକାରରେ ବଡ଼ ଗରିଲାର ସ୍ଥାପତ୍ୟକୁ ଇଂଲଣ୍ଡର ଡେଭିଡ ମାକ୍ ତିଆରି କରିଛନ୍ତି। ଏଥିରେ ସେ ବ୍ୟବହାର କରିଛନ୍ତି ୭,୫୦୦ଟି ମେଟାଲ କୋଟ୍ ହ୍ୟାଙ୍ଗର। ଗରିଲା ସ୍ଥାପତ୍ୟଟି ୭ ଫୁଟ୍ ଉଚ୍ଚତା, ୯ ଫୁଟ୍ ଲମ୍ବା ଏବଂ ୫ ଫୁଟ୍ ଓସାର ବିଶିଷ୍ଟ । ଏହାକୁ ତିଆରି କରିବା ପାଇଁ ୨,୭୦୫ ଘଣ୍ଟା ସମୟ ଲାଗିଛି। ସିଲଭର୍ ବ୍ୟାକ୍ ନାମକ ଏହି ଗରିଲା ମୂର୍ତ୍ତି ୨୦୦୭ ଅକ୍ଟୋବରରେ ପ୍ୟାରିସ୍‌ର ଆର୍ଟ ଫେୟାର୍‌ରେ ପ୍ରଦର୍ଶିତ ହୋଇଥିଲା। ଡେଭିଡ କୋଟ୍ ହ୍ୟାଙ୍ଗର୍ ବ୍ୟବହାର କରି ଆହୁରି ମଧ୍ୟ ଅନେକ ସ୍ଥାପତ୍ୟ ଗଢ଼ିଛନ୍ତି।


**ବଟଲ୍ କ୍ୟାପ୍‌ରେ ଗ୍ଲୋବ୍–** ଦେଶ, ମହାଦେଶ, ସାଗର, ମହାସାଗରକୁ ଦେଖାଉଥିବା ଗ୍ଲୋବ୍ ଘରେ, ଶିକ୍ଷାନୁଷ୍ଠାନରେ ଥାଏ। ଗୋଲାକାର ବିଶିଷ୍ଟ ଏହି ଗ୍ଲୋବ୍ ସାଧାରଣତଃ ପ୍ଲାଷ୍ଟିକରେ ତିଆରି। ତେବେ କୁଏତର ମିନିଷ୍ଟ୍ର ଅଫ୍ ୟୁଥ୍ ଆଫାୟାର୍ସର ଫାତ୍‌ମା ୟୁଶେଫ ଅଲ୍ ଫଦଲି ଓ ଏକ ସ୍ୱେଚ୍ଛାସେବୀ ଟିମ୍ ବୋତଲ କ୍ୟାପ୍‌ରେ ତିଆରି କରିଛନ୍ତି ଏକ ବିରାଟକାୟ ଗ୍ଲୋବ୍। ଗ୍ଲୋବ୍‌ର ବ୍ୟାସ ୫.୬ ମିଟର ହୋଇଥିବାବେଳେ ଏଥିରେ ବ୍ୟବହାର ହୋଇଛି ୧,୪୭,୦୦୮ଟି ବୋତଲର କ୍ୟାପ୍। ଏହାକୁ ତିଆରି କରିବା ପୂର୍ବରୁ ଫାତ୍‌ମା ଏବଂ ତା'ର ପରିବାର ସଦସ୍ୟ ୨ ବର୍ଷ ଧରି ବୋତଲ କ୍ୟାପ୍ ସଂଗ୍ରହରେ ଲାଗିଥିଲେ। ସ୍ଥାପତ୍ୟଟିକୁ ଡିଜାଇନ୍ କରିଛନ୍ତି ଫାତମା ଅଲ୍ ତମିମି।

**ଖଜୁରିରେ ତିଆରି ତାଳଗଛ–** ୨୦୧୬ ନଭେମ୍ବରରେ ସାଡେଡିନ୍ କୋ. ନାମକ ଏକ ପ୍ରସିଦ୍ଧ ପାଷ୍ଟ୍ରି ଓ ମିଷ୍ଟାନ୍ନ ପ୍ରସ୍ତୁତକାରୀ ପ୍ରଦର୍ଶିତ କରିଥିଲେ ଏକ ବିରାଟକାୟ ତାଳଗଛର ପ୍ରତିକୃତି। ଏହାର ବିଶେଷତ୍ୱ ଥିଲା କି ତାଳ ଗଛଟି ଖଜୁରିରେ ତିଆରି ହୋଇଥିଲା। ୧୮୦୦ କି.ଗ୍ରା. ଓଜନର ଖଜୁରି ଏଥିରେ ବ୍ୟବହାର ହୋଇଥିଲା। ଗଛକୁ ଏଡିବଲ୍ ଗୋଲ୍ଡରେ ପେଣ୍ଟ କରାଯାଇଥିଲା। ଫଳରେ ଗଛଟି ଅଧିକ ସୁନ୍ଦର ଓ ଆକର୍ଷକ ଲାଗୁଥିଲା। ଏହାକୁ ଜେଦାହର ସାଉଦି ମାର୍କେଟିଂ କନ୍‌ଫରେନ୍ସରେ ପ୍ରଦର୍ଶିତ କରାଯାଇଥିଲା। ଆଉ ଏହା ପୃଥିବୀର ସବୁଠାରୁ ବଡ଼ ଫ୍ରୁଟ୍ ସ୍କଲ୍‌ପଚର୍ ବୋଲି କୁହାଗଲା। ପରେ ଏଥିରେ ବ୍ୟବହୃତ ଖଜୁରିକୁ ଚାରିଟେବୁଲ ଅର୍ଗାନାଇଜେଶନ୍‌କୁ ବଣ୍ଟନ କରାଯାଇଥିଲା।










ମଧୁ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ନାହିଁ

ବ୍ୟାଙ୍କ କ୍ୟାଶିୟର୍ ବ୍ୟକ୍ତିଙ୍କୁ- ଟଙ୍କା ନାହିଁ।

ବ୍ୟକ୍ତି- ଆହୁରି ଦଉନ ମୋଦି, ମାଲ୍ୟାକୁ ଟଙ୍କା। ସବୁଟଙ୍କା ତ ସେମାନେ ନେଇ ବିଦେଶ ଚାଲିଗଲେ।

କ୍ୟାଶିୟର୍- ଆଜ୍ଞା, ମୁଁ ବ୍ୟାଙ୍କ କଥା କହୁନି। କହୁଛି ଆପଣଙ୍କ ଆକାଉଣ୍ଟରେ ଆଉ ଟଙ୍କା ନାହିଁ।

### ଡାକିଦେ

ମା' ପୁଅକୁ- ଗଲୁ ଟିକେ ବାପାଙ୍କୁ ଡେକିଦେବୁ। କହିବୁ ମାମା ଡାକୁଛି।

ପୁଅ ବାପାଙ୍କ ପାଖକୁ ଯାଇ- 'ଚଲୋ ବୁଲାୱା ଆୟା ହୈ, ମାତା ନେ ବୁଲାୟା ହୈ।'

ବାପା- ଜୟ ମାତାଦି...

### ମଶା

ରାଜା ମଶା ମାରୁଥାଏ। ଏହା ଦେଖି

ବାପା- କ'ଣ କରୁଛୁ?

ରାଜା- ମଶା ମାରୁଛି।

ବାପା- କେତେଟା ମାରିଲୁ?

ରାଜା-୨ଟା ଝିଅ ମଶା, ୩ଟି ପୁଅ ମଶା ମାରିଲି।

ବାପା-କେମିତି ଜାଣିଲୁ ପୁଅ ମଶା କୋଉଟା, ଆଉ ଝିଅ ମଶା କୋଉଟା।

ରାଜା- ୨ଟା ମଶା ଡ୍ରେସିଂ ଟେବୁଲ ପାଖରେ ବସିଥିଲେ। ଆଉ ୩ଟି ମଶା ତମ ମଦ ବୋତଲ ପାଖରେ ବସିଥିଲେ।





# ଖରାରେ ଦିଏ ଶୀତଳତାର ଅନୁଭବ

# ଔଲି





**ଉତ୍ତରାଖଣ୍ଡସ୍ଥିତ ଏକ ଆକର୍ଷଣୀୟ ଶୈଳନିବାସ ହେଉଛି ଔଲି। ତା'ଛଡ଼ା ଲୋକପ୍ରିୟ ସ୍କିଂ ଡେଷ୍ଟିନେଶନ ଭାବେ ମଧ୍ୟ ଏହାର ଅନ୍ୟ ଏକ ପରିଚୟ ରହିଛି। ତେଣୁ ଖରାଦିନ ହେଉ ଅବା ଶୀତଦିନ, ସବୁବେଳେ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ...**

ଉତ୍ତରାଖଣ୍ଡର ଚମୋଲୀ ଜିଲାରେ ଅବସ୍ଥିତ ଔଲି ହେଉଛି ସ୍ଥାନୀୟ ଏକ ଶୈଳନିବାସ। ତେଣୁ ବର୍ଷସାରା ଏଠାକାର ଜଳବାୟୁ ବେଶ୍ ଶୀତଳ ରହିଥାଏ। ଖାସ୍‌କରି ଖରାଦିନେ ଏଠାକୁ ବୁଲି ଆସିଲେ ଦେହ ମନକୁ ଖୁବ୍ ଶାନ୍ତି ମିଳିଥାଏ। ତା'ଛଡ଼ା ଏହା ଏକ ଲୋକପ୍ରିୟ ସ୍କିଂ ପଏଣ୍ଟ ଭାବେ ମଧ୍ୟ ଜଣାଶୁଣା। ଶୀତଦିନେ ଏଠାରେ ହେଉଥିବା ତୁଷାରପାତରେ ସ୍କିଂ କରିବାର ମଜା ହିଁ କିଛି ନିଆରା ଅନୁଭୂତି ଦେଇଥାଏ।



### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଔଲି ବୁଲିଯିବାକୁ ସୁବିଧା ଥିଲେ ହେଁ, ଯେହେତୁ ସ୍କିଂ ପାଇଁ ଏହା ପ୍ରସିଦ୍ଧି ଲାଭ କରିଛି, ତେଣୁ ନଭେମ୍ବରରୁ ମାର୍ଚ୍ଚ ଭିତରେ ଏଠାକୁ ଗଲେ ଉକ୍ତ କ୍ରୀଡ଼ାର ଭରପୂର ଆନନ୍ଦ ନେଇ ହୁଏ। ସେହିପରି ଖରାଦିନେ ମଧ୍ୟ ଏଠାକାର ପାଣିପାଗ ବେଶ୍ ଆରାମଦାୟକ ରହିଥାଏ। ଶୀତଳ ପବନ ସାଙ୍ଗକୁ ସ୍ୱଚ୍ଛ ପରିବେଶ ଏଠାକାର ବାତାବରଣକୁ ବେଶ୍ ମନଲୋଭା କରି ଦେଇଥାଏ। ତେଣୁ ଖରା ଦାଉରୁ ରକ୍ଷା ପାଇବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ତା'ଛଡ଼ା ଏଠାକୁ ଯିବାଆସିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ଡେରାଡୁନ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର; ଯାହା ଔଲିଠାରୁ ପ୍ରାୟ ୨୭୦ କି.ମି. ଦୂରରେ ଅବସ୍ଥିତ। ସେହିପରି ଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ଔଲିର ନିକଟବର୍ତ୍ତୀ ଅନ୍ତର୍ଜାତୀୟ ବିମାନବନ୍ଦର, ଯାହା ପ୍ରାୟ ୪୮୦ କି.ମି. ଦୂରରେ ଅବସ୍ଥିତ। ତା'ଛଡ଼ା ରିଷିକେଶ ଓ ଡେରାଡୁନ୍ ରେଲୱେ ଷ୍ଟେଶନ ହେଉଛି ଔଲିର ଦୁଇ ପ୍ରମୁଖ ନିକଟସ୍ଥ ରେଲଷ୍ଟେଶନ। ଏସବୁ ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରୁ ଔଲିକୁ ଟୁରିଷ୍ଟ ବସ୍ ମଧ୍ୟ ଯା'ଆସ କରୁଛି। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏହି ଶୈଳନିବାସ ଆଡ଼େ ବୁଲି ଆସିପାରିବେ।



### କ'ଣ ଦେଖିବେ

ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଔଲି ପ୍ରକୃତିପ୍ରେମୀଙ୍କ ପାଇଁ ଏକ ସ୍ୱର୍ଗୀୟ ସ୍ଥାନ। ତେବେ ଏଠାକାର ସବୁଠାରୁ ଆକର୍ଷଣୀୟ ସ୍ଥାନ ହେଉଛି ଏଠାରେ ଥିବା ବିରାଟ ସ୍କିଂ ପଏଣ୍ଟ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୯୦୦୦ ଫୁଟ ଉଚ୍ଚରେ ଅବସ୍ଥିତ। ଶୀତଦିନେ ଏଠାରେ ତୁଷାରପାତ ହେଉଥିବାରୁ ସ୍କିଂ କରିବା ପାଇଁ ଖୁବ୍ ଆନନ୍ଦ ଲାଗେ। ତା'ଛଡା ଏହି ସ୍କିଂ ପଏଣ୍ଟର ଉଭୟ ପାର୍ଶ୍ୱରେ ଦେବଦାରୁ ଏବଂ ଓକ୍ (ଏକ ପ୍ରକାର ବୃକ୍ଷର ନାମ) ଗଛର ବିରାଟ ଜଙ୍ଗଲ ଦେଖିବାକୁ ମିଳେ। ଉଭୟପାର୍ଶ୍ୱରେ ଜଙ୍ଗଲ ଏବଂ ମଝିରେ ବରଫରେ ଛାଇ ହୋଇ ରହିଥିବା ଏକ ବିରାଟ ଗଡ଼ାଣିଆ ଜାଗା, ଶୀତଦିନେ ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ଏହି ଦୃଶ୍ୟର ମଜା ଉଠାଇବାକୁ ଶୀତଦିନେ ଔଲିକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି। କେବଳ ଶୀତଦିନ କାହିଁକି ଖରାଦିନେ ବି ଏଠାରେ ବେଶ୍ ଶୀତଳବାୟୁ ପ୍ରବାହିତ ହୋଇଥାଏ। ଗରମ ଦାଉରୁ ରକ୍ଷା ପାଇବା ପାଇଁ ଖରାଦିନେ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ।

**ଜୋଶୀମଠ:** ଔଲି ନିକଟରେ ରହିଛି ଜୋଶୀମଠ ନାମକ ଏକ ପବିତ୍ର ସ୍ଥାନ। ଶୁଣିବାକୁ ମିଳେ, ଏଠାରେ କୁଆଡ଼େ ମହାଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କର ଜ୍ଞାନପ୍ରାପ୍ତି ହୋଇଥିଲା। ଏଠାରେ ପର୍ଯ୍ୟଟକ ନୃସିଂହ, ଗରୁଡ଼ ମନ୍ଦିର ସମେତ ଶଙ୍କରାଚାର୍ଯ୍ୟ ମଠ ତଥା ଅମର କଳ୍ପ ବୃକ୍ଷ ଦେଖିବାକୁ ପାଇପାରିବେ। କୁହାଯାଏ, ଏହା କୁଆଡ଼େ ପ୍ରାୟ ଅଢ଼େଇ ହଜାର ବର୍ଷ ତଳର ଏକ ଅଲୌକିକ ବୃକ୍ଷ।

**ତପୋବନ:** ଜୋଶୀମଠଠାରୁ ପ୍ରାୟ ୧୪ କି.ମି. ତଥା ଔଲିଠାରୁ ପ୍ରାୟ ୩୨ କି.ମି. ଦୂରରେ ରହିଛି ଏହି ଅଲୌକିକ ପର୍ଯ୍ୟଟନସ୍ଥଳୀ। ଏହି ସ୍ଥାନର ବିଶେଷତ୍ୱ ହେଉଛି, ଏଠାରେ ଏକକାଳୀନ ବହୁ ସଂଖ୍ୟାରେ ତପ୍ତ କୁଣ୍ଡମାନ ଦେଖିବାକୁ ମିଳିଥାଏ; ଯେଉଁ କୁଣ୍ଡରେ ପାଣି ଆପେ ଆପେ ଗରମ ହୋଇ ଫୁଟୁଥିବାର ଦେଖାଯାଏ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏହାକୁ ଭଗବାନଙ୍କର ଚମତ୍କାର ସୃଷ୍ଟି କହି ଏହି କୁଣ୍ଡରେ ପଇସା ପକାଉ ଥିବାର ନଜିର ମଧ୍ୟ ରହିଛି।

କେବଳ ଏତିକି ନୁହେଁ, ଔଲି ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ନନ୍ଦା ଦେବୀ, ମାନା ପର୍ବତ, ଔଲି ଆର୍ଟିଫିସିଆଲ୍ ଲେକ୍ ଇତ୍ୟାଦି ମଧ୍ୟ ଦେଖିବାର ଆନନ୍ଦ ଉଠାଇପାରିବେ।


### ବିଶେଷ ଆକର୍ଷଣ

ଔଲିରେ ପର୍ଯ୍ୟଟକ କେବଳ ସ୍କିଂର ମଜା ନେଇଥାନ୍ତି ତାହା ନୁହେଁ, ଟ୍ରେକିଂ, କ୍ୟାମ୍ପିଂ, କେବୁଲ୍ କାର୍ ରାଇଡିଂ ପାଇଁ ବି ଏଠାରେ ବିଶେଷ ସୁବିଧା ରହିଛି। ତା'ସହିତ ପର୍ଯ୍ୟଟକଙ୍କୁ ଏଠି ଟ୍ରେନିଂ ଦେବାର ମଧ୍ୟ ବ୍ୟବସ୍ଥା ଅଛି।











# ବିଲେଇ ମଡେଲ

ମଡେଲଙ୍କ ଜୀବନ ଚାକଚକ୍ୟ ଭରା। ଅନେକ ରୋଜଗାର କରନ୍ତି ଓ ଅୟସଭରା ଜୀବନ ଅତିବାହିତ କରନ୍ତି। ତେଣୁ ଅନେକେ ଏହି ମଡେଲିଂ ଜଗତକୁ ଆସିବାକୁ ଚାହାନ୍ତି। ହେଲେ ଆକର୍ଷକ ଚେହେରା ଓ ବଳିଷ୍ଠ ବ୍ୟକ୍ତିତ୍ୱ ଆବଶ୍ୟକ ଏଥିପାଇଁ। ସେଥିପାଇଁ ଏହା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନା। କିନ୍ତୁ ମାଓ ମାଓ ନାମକ ଏକ ଧଳାରଙ୍ଗର ସୁନ୍ଦର ବିଲେଇ ମଡେଲ ସାଜି ସମସ୍ତଙ୍କୁ ଚକିତ କରି ଦେଇଛି। ଦୁଇ ବର୍ଷ ବୟସର ଏହି ବ୍ରିଟିଶ ଶର୍ଟହେୟାର ବିଲେଇ ଏବେ ଚାଇନାରେ ପ୍ରଫେଶନାଲ ମଡେଲ ସାଜିଛି। ଆଉ ଥରେ କାମ କଲେ ରୋଜଗାର କରୁଛି ୭୭୫-୧୫୫୦ ଡଲାର। ମାଓ ମାଓର ମାଲିକ ଅଟୋମୋଟିଭ ଇଣ୍ଡଷ୍ଟ୍ରିରେ କାମ କରନ୍ତି। ଥରେ ଏକ ଅଟୋ ଶୋ'ରେ ସେ ମାଓ ମାଓକୁ ସୁନ୍ଦରଭାବେ ସଜାଇ ଏକ କାର ଭିତରେ ବସାଇ ଦେଇଥିଲେ। ହଠାତ୍ ଲୋକ ଏହି ସୁନ୍ଦରୀ ବିଲେଇ ପ୍ରତି ଆକୃଷ୍ଟ ହୋଇ ସେହି ଗାଡି ପାଖରେ ଭିଡ ଜମେଇଲେ। ତା'ର ଫଟୋ ଉଠାଇ ତାକୁ ସୋସିଆଲ ମିଡିଆରେ ଶେୟାର କଲେ। ଫଳରେ ସେହି ଗାଡିର ପ୍ରମୋଶନ ହୋଇଗଲା। ଏହାପରେ ସେ ମାଓ ମାଓକୁ କାର୍ ମଡେଲ ସଜେଇଦେଲେ। ମାଓ ମାଓକୁ ବି ସୁନ୍ଦରଭାବେ ସଜାଇ ହୋଇ ବିଭିନ୍ନ ପୋଜ୍ ଦେବାକୁ ବହୁତ ଭଲ ଲାଗେ। ଯେମିତି କି ସମସ୍ତେ ତା' ଆଡକୁ ଆକର୍ଷିତ ହେବେ। ମାସକୁ ପ୍ରାୟ ୪ ଥର ସେ କାର୍ ପାଇଁ ମଡେଲ ସାଜେ। ଆଉ ଭଲ ରୋଜଗାର କରେ। ଏହା ବଦଳରେ ତା'ର ମାଲିକ ତାକୁ ଦାମୀ କ୍ୟାଟ୍ ଫୁଡ୍ ଦିଅନ୍ତି।


## କାର୍ଟୁନ କର୍ନର





# ଏମିତି ବି ଅଛି ପୋଷାକ





**ଲଜ୍ଜା ନିବାରଣ ପାଇଁ ସାଧାରଣତଃ ମଣିଷ ଦେହରେ ଡ୍ରେସ୍ ବା ପୋଷାକ ପିନ୍ଧିଥାନ୍ତି। କିନ୍ତୁ ବେଳେବେଳେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ କେହି କେହି ଏମିତି କିଛି ଅଜବ ଡିଜାଇନ୍‌ର ଡ୍ରେସ୍ ପିନ୍ଧନ୍ତି ବା ତିଆରି କରିଥାନ୍ତି, ଯାହାକୁ ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ସେମିତି କିଛି ଅଜବ ଡ୍ରେସ୍ ସମ୍ପର୍କରେ...**



**ଫୋନ୍‌ବୁକ୍ ଡ୍ରେସ୍:** ଜୋଲିସ୍ ପାଓନ୍ସ ନାମକ ଜଣେ ବ୍ୟକ୍ତି ଏହି ଡ୍ରେସ୍‌ଟିକୁ ତିଆରି କରିଥିଲେ। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଜୋଲିସ୍, ଯାହାଙ୍କୁ କି ସିଲେଇ କେମିତି କରାହୁଏ ଆଦୌ ଜଣା ନ ଥିଲା। କିନ୍ତୁ ତାଙ୍କ ହାତରେ ଏକ ପୁରୁଣା ଫୋନ୍‌ବୁକ୍ ପଡିବା ପରେ ତାହାର ପେପର୍‌ଗୁଡ଼ିକୁ ବ୍ୟବହାର କରି କିଛି ଗୋଟେ ନୂଆ କରିବାକୁ ସେ ଚିନ୍ତା କଲେ। ବହୁ ତର୍ଜମା କରିବା ପରେ ଶେଷରେ ସେ ନିଜର ବୁଦ୍ଧି ଖଟାଇ ଫୋନ୍‌ବୁକ୍‌ର ପେପର୍‌ଗୁଡ଼ିକୁ ବ୍ୟବହାର କରି ଏହି ଡ୍ରେସ୍ ତିଆରି କରିବାରେ ସକ୍ଷମ ହୋଇଥିଲେ।

**ପଞ୍ଜୁରି ଭଳି ଡ୍ରେସ୍:** ପୋଷା ପକ୍ଷୀଙ୍କ ରହିବା ପାଇଁ ଉଦ୍ଦିଷ୍ଟ ପଞ୍ଜୁରି ଷ୍ଟାଇଲ୍‌ର ଏକ ଡ୍ରେସ୍ ତିଆରି କରିବାକୁ ମନେ ମନେ ସ୍ଥିର କରିଥିଲେ କାସେ ମାକ୍‌ମାହୋନ୍ ନାମକ ଜଣେ ଫ୍ୟାଶନ ଡିଜାଇନର୍। କିଛି ତାର ଓ କେତେକ ପୁରୁଣା ଅଦରକାରୀ ଜିନିଷକୁ ବ୍ୟବହାର କରି ଶେଷରେ ସେ ଏହି ଡ୍ରେସ୍ ତିଆରି କରିବାରେ ସଫଳ ହୋଇଥିଲେ। ଡ୍ରେସ୍‌ଟି ତିଆରି ହୋଇସାରିବା ପରେ ଏହା ଦୁଇପ୍ରକାରର କାମ ଦେଲା। ଏଥିରେ ପୋଷା ପକ୍ଷୀ ବି ରହିପାରିଲେ, ତା'ସହିତ ମଡେଲ୍‌ମାନେ ଏହାକୁ ପିନ୍ଧି ଫଟୋପୋଜ୍ ବି ଦେଇପାରିଲେ।

**କାଠର ଡ୍ରେସ୍:** ଗ୍ରେସ୍ ଜନ୍‌ଷ୍ଟନ୍ ନାମକ ଜଣେ ଫ୍ୟାଶନ୍ ଡିଜାଇନର୍ କାଠର ଏହି ଡ୍ରେସ୍ ତିଆରି କରି ଏକଦା ବେଶ୍ ଚର୍ଚ୍ଚାର ବିଷୟକୁ ଆସିଥିଲେ। ସେ ଯେଉଁ ଡ୍ରେସ୍ ତିଆରି କରିଥିଲେ ତାହାର ଭିତର ପାର୍ଶ୍ୱଟି ଲାମିନେଟେଡ୍ ଉଡ୍ ଦ୍ୱାରା ତିଆରି ହୋଇଥିବାବେଳେ ବାହ୍ୟପାର୍ଶ୍ୱଟି ବେଣ୍ଟ ଉଡ୍ ଦ୍ୱାରା ଡିଜାଇନ୍ ହୋଇଥିଲା। ତା'ସହିତ ଏହାକୁ ପରସ୍ପର ସହ ଜଏଣ୍ଟ କରି ରଖିବା ପାଇଁ ଏଥିରେ ନଟ୍ ବୋଲ୍ଟର ମଧ୍ୟ ବ୍ୟବହାର କରାଯାଇଥିଲା। ଏହା ଦେଖିବାକୁ ସିନା ଅଜବ ଲାଗୁଥିଲା କିନ୍ତୁ ପିନ୍ଧିଲେ ଯେ କୌଣସି ବ୍ୟକ୍ତିଙ୍କର କ୍ଷଣିକରେ ଦୃଷ୍ଟି ଆକର୍ଷଣ କରି ନେଉଥିଲା।

**ପେପର୍ ୱେଡିଂ ଡ୍ରେସ୍:** ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି ପରିତ୍ୟକ୍ତ ବା ଅଦରକାରୀ ଜିନିଷକୁ ରିସାଇକେଲ୍ କରି ତାହାକୁ ପୁନଃ ବ୍ୟବହାର ଯୋଗ୍ୟ କରିହେଉଛି ; ଯେମିତି କି ପେପର୍‌ରେ ତିଆରି ଏହି ୱେଡିଂ ଡ୍ରେସ୍‌ଟି। ପେପର୍ ବା ଖବରକାଗଜରୁ ତିଆରି ଏହି ଡ୍ରେସ୍‌ଟି ଦେଖିବାକୁ ସିନା ଅଜବ ଲାଗେ, କିନ୍ତୁ ଏମିତି ଏକ ଭିନ୍ନ ଷ୍ଟାଇଲ୍‌ର ଡ୍ରେସ୍ ତିଆରି କରିବା ପଛରେ ଯେ କାହାର ଅପୂର୍ବ ଚିନ୍ତାଧାରା ରହିଛି ତାହାକୁ ଆଦୌ ଅସ୍ୱୀକାର କରିହେବ ନାହିଁ।

**ସ୍ନାକ୍ସ ଜରିରୁ ତିଆରି ଡ୍ରେସ୍:** ଚିପ୍ସ, କୁର୍‌କୁରେ ତଥା ବିଭିନ୍ନ ପ୍ରକାର ସ୍ନାକ୍ସ ଜରିକୁ ନେଇ ତିଆରି ହୋଇଥିବା ଡ୍ରେସ୍ ଦେଖିବାକୁ ଯେମିତି ଅଜବ ଲାଗେ ଠିକ୍ ସେମିତି ଏହାକୁ ପିନ୍ଧିଲେ ମଧ କାହାର ବି ଦୃଷ୍ଟି ଆକର୍ଷଣ ହୋଇଥାଏ। ତଥାପି ସେମିତି କିଛି ସ୍ନାକ୍ସ ଜରିକୁ ବ୍ୟବହାର କରି ଏକ ୱେଡିଂ ଡ୍ରେସ୍ ତିଆରି ହୋଇଛି ଆଉ ତାହାକୁ ପିନ୍ଧି ଫଟୋପୋଜ୍ ବି ଦିଆଯାଇଛି।

**ଏଲ୍‌ଇଡି ଲାଇଟ୍‌ର ଡ୍ରେସ୍:** ପାଖାପାଖି ୧୫ ହଜାର ଏଲ୍‌ଇଡି ଲାଇଟ୍‌କୁ ବ୍ୟବହାର କରି ତିଆରି ହୋଇଥିବା ଏହି ଡ୍ରେସ୍‌ଟି ହେଉଛି ହୁସେନ୍ ଚଲାୟାନ୍ ନାମକ ଜଣେ ଫ୍ୟାଶନ ଡିଜାଇନର୍‌ଙ୍କର ଅପୂର୍ବ ସୃଜନଶୀଳତାର ପ୍ରତିଫଳନ। ଏହି ଡ୍ରେସ୍‌ଟି ମୁଖ୍ୟତଃ ରାତିବେଳା କିମ୍ବା ଅନ୍ଧାରୁଆ ସ୍ଥାନରେ ଖୁବ୍ ଉଜ୍ଜ୍ୱଳ ଦେଖାଯାଇଥାଏ।

**ରଙ୍ଗ ବଦଳାଉଥିବା ଡ୍ରେସ୍:** ଏହି ଡ୍ରେସ୍‌ରେ ଦୁଇ ପ୍ରକାରର ଲେୟାର୍ ରହିଛି। ଡ୍ରେସ୍‌ର ଭିତର ଲେୟାର୍‌ରେ ଲାଗିଥିବା ବାୟୋମେଟ୍ରିକ୍ ସେନ୍ସର୍ ବ୍ୟକ୍ତିଙ୍କର ମୁଡ୍‌କୁ ଲକ୍ଷ୍ୟ କରି ଡ୍ରେସ୍‌ର ରଙ୍ଗ ବଦଳାଇବାରେ ବିଶେଷ ସାହାଯ୍ୟ କରିଥାଏ। ଆଉ ସେହି ରଙ୍ଗ ଡ୍ରେସ୍‌ର ବାହ୍ୟ ଲେୟାର୍‌ରେ ଆରାମରେ ପ୍ରତିଫଳନ ହୋଇଥାଏ। ବିଶେଷକରି ବ୍ୟକ୍ତି ଚାପଗ୍ରସ୍ତ, ଭୟାଳୁ କିମ୍ବା କାମନାଗ୍ରସ୍ତ ଥିବା ସମୟରେ ତାଙ୍କ ଦେହର ତାପମାତ୍ରା ବୃଦ୍ଧିପାଇ ଶରୀରରେ ଝାଳ ଆସିଥାଏ। ଆଉ ତାକୁ ହିଁ ଡ୍ରେସ୍‌ରେ ଲାଗିଥିବା ସେନ୍ସର୍ ଲକ୍ଷ୍ୟ କରି ଡ୍ରେସ୍‌ର ରଙ୍ଗ ବଦଳାଇଥାଏ ; ଯଦ୍ୱାରା ବ୍ୟକ୍ତିଙ୍କର ମୁଡ୍ ବଦଳିବାରେ ଏହା ବେଶ୍ ସହାୟକ ହୋଇଥାଏ।

**ସେରାମିକ୍ ପଟ୍‌ରେ ତିଆରି ଡ୍ରେସ୍:** ଚାଇନିଜ୍ ସେରାମିକ୍‌ର ଖୁବ୍ ସୁନ୍ଦର ସୁନ୍ଦର ପଟ୍ (ବିଶେଷକରି ନୀଳ ତଥା ଧଳା ରଙ୍ଗର)କୁ ବ୍ୟବହାର କରି ଆକର୍ଷଣୀୟ ଡ୍ରେସ୍ ତିଆରି କରିବାରେ ବେଶ୍ ନିପୁଣ ହେଲେ ଲି ଜିଆଓଫେଙ୍ଗ୍ ନାମକ ଜଣେ ବେଇଜିଂ ଆର୍ଟିଷ୍ଟ। ତେବେ ଏହି ପଟ୍‌ଗୁଡ଼ିକୁ ପରସ୍ପର ସହ ଜଏଣ୍ଟ କରିବାକୁ ସେ ରୁପାରେ ତିଆରି ଏକ ସ୍ୱତନ୍ତ୍ର ଧରଣର ସୂତା ବ୍ୟବହାର କରିଥାନ୍ତି, ଯାହା ଅନ୍ୟମାନଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଦେଇଥାଏ।









ବ୍ୟାକ୍ ପେଜ୍

# ସବୁଠୁ ବଡ଼ ଠକ

ନଟବରଲାଲ, ଏଇ ନାଁ ଚୋରି ଓ ଠକେଇର ପ୍ରତୀକ ପାଲଟିଛି। କାରଣ ଏଇ ନାମଧାରୀ ବ୍ୟକ୍ତିଜଣକ ଭାରତରେ ବଡ଼ ବଡ଼ ଠକେଇ ସହ ସମ୍ପୃକ୍ତ ଥିଲେ। ଆଉ ସେଇ ଠକେଇ ଏତେ ବଡ ଥିଲା ଯେ, ଯେ କେହି ଶୁଣି ଆଶ୍ଚର୍ଯ୍ୟ ହୋଇଯିବେ। ଲାଲକିଲ୍ଲା ଓ ତାଜମହଲକୁ ବିକ୍ରି କରିପାରିଥିବା ଏହି ବିଶିଷ୍ଟ ଠକ ୧୯୧୨ରେ ଜନ୍ମଗ୍ରହଣ କରିଥିଲେ। ସେ ବିହାରର ସିୱାନ ଜିଲାର ନିବାସୀ ଥିଲେ। ସେ ଚୋରି ଓ ଜାଲସାଜି କରିବା ପାଇଁ ସେ ନିଜର ଅନେକ ନାମ ରଖିଥିଲେ। ତେବେ ତାଙ୍କର ବାସ୍ତବିକ ନାମ ଥିଲା ମିଥିଲେଶ କୁମାର ଶ୍ରୀବାସ୍ତବ। ଅନେକେ କହନ୍ତି, ନଟବର ଲାଲର ୫୦ରୁ ଉର୍ଦ୍ଧ୍ୱ ନାମ ଥିଲା। ସେହି ସବୁ ନାମ ସାହାଯ୍ୟରେ ସେ ଠକେଇ କରୁଥିଲେ। ତା'ର ଚୋରିର ଆରମ୍ଭ ୧୦୦୦ଟଙ୍କାରୁ ହୋଇଥିଲା। ସେ ଡୁପ୍ଲିକେଟ୍ ହସ୍ତାକ୍ଷର କରିବାରେ ମାହିର ଥିଲେ। ସେ କାହାର ବି ହସ୍ତାକ୍ଷରର ନକଲ ସହଜରେ କରିପାରୁଥିଲେ। ପ୍ରଥମ ଠକେଇ ବି ସେ





ପଡୋଶୀଙ୍କ ଡୁପ୍ଲିକେଟ ହସ୍ତାକ୍ଷର କରି ବ୍ୟାଙ୍କରୁ ଟଙ୍କା ଉଠାଇ କରିଥିଲେ। ପାଠ ପଢି ସେ ଜଣେ ଓକିଲ ହୋଇଥିଲେ। ଏହାପରେ ଷ୍ଟକ ବ୍ରୋକର୍ ଓ କପଡା ବ୍ୟବସାୟ ବି କରିଥିଲେ। ହେଲେ ସେହି ପେସାସବୁ ପସନ୍ଦ ଆସି ନ ଥିଲା। ଆଉ ତାକୁ ଛାଡି ଠକେଇର ରାସ୍ତା ଆପଣେଇଥିଲେ। ବହୁ ଲୋକଙ୍କଠାରୁ ସେ ଲକ୍ଷ ଲକ୍ଷ ଠକିଲେ। ଧରାପଡିଲେ ଫେରାର ହେବାର ବି ସେ ଥିଲେ ମାହିର। ଏମିତି କି ପୋଲିସ୍ ଧରିବାପରେ ବି ସେ ଖସି ପଳାଇବାରେ ସକ୍ଷମ ହେଉଥିଲେ। ସେ ଭଲ କଥା କହି ଲୋକଙ୍କୁ ନିଜ ଜାଲରେ ଫସାଇ ପାରୁଥିଲେ। ଏହି ଛୋଟମୋଟ ଠକେଇ ବାଦ୍ ବହୁ ବଡ ଠକେଇ ବି କରିଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ସେ ଅନେକଥର ଲାଲକିଲ୍ଲା ଓ ତାଜମହଲକୁ ବିକ୍ରି କରିଛନ୍ତି। ସେ ପୁଣି ବିଦେଶୀଙ୍କୁ। ତାଙ୍କ ଠକେଇର କୌଣସି ସୀମା ନ ଥିଲା। ସେ ତ ଭାରତର ରାଷ୍ଟ୍ରପତି ଭବନକୁ ବି ବିକ୍ରି କରିଦେଇଥିଲେ। ଆଉ ଏହାକୁ ସେ ରାଷ୍ଟ୍ରପତିଙ୍କ ଡୁପ୍ଲିକେଟ୍ ହସ୍ତାକ୍ଷର କରି ସମ୍ଭବ କରିପାରିଥିଲେ। ପାର୍ଲାମେଣ୍ଟ ହାଉସ୍‌କୁ ବି ବିକିବାରେ ସଫଳ ହୋଇଥିଲେ। ଫଳରେ ନଟବରଲାଲ ଉପରେ ଠକେଇ ଆରୋପରେ ୮ ରାଜ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିଲା। ୭୦, ୮୦ ଓ ୯୦ ଦଶକରେ ନଟବରଲାଲ ସାରା ଭାରତରେ ବେଶ୍ ପରିଚିତ ନାଁଟିଏ ପାଲଟି ଯାଇଥିଲେ। ବହୁ ବଡ ବଡ ବ୍ୟବସାୟୀ ତାଙ୍କର ଜାଲରେ ଫସିଥିଲେ। ତାଙ୍କର ଏହି କାମ ପାଇଁ ତାଙ୍କୁ ୧୧୧ ବର୍ଷର କାରାଦଣ୍ଡ ଦିଆଯାଇଥିଲା। ଏହା ବାଦ୍ ବି ସେ ଜେଲରୁ ଅନେକ ଥର ଫେରାର୍ ହୋଇଯାଇଥିଲେ। ୨୦୦୪ରେ ନଟବରଲାଲଙ୍କ ନାଁ ଶେଷଥର ଉଠିଥିଲା। ସେତେବେଳେ ଜଣେ ଓକିଲ ଦାବି କରିଥିଲେ ଯେ,ନଟବରଲାଲ ତା' ସମ୍ପତ୍ତି ଉକ୍ତ ଓକିଲଙ୍କ ନାମରେ କରେଇଦେଇଛନ୍ତି। ଏହାପରେ ନଟବରଲାଲର ମୃତ୍ୟୁ କେବେ ଓ କେମିତି ହେଲା ତାହା ଏବେ ବି ସ୍ପଷ୍ଟ ହୋଇପାରିନାହିଁ। ଅନେକେ କହନ୍ତି, ନଟବର ଲାଲ ୨୦୦୯ରେ ମୃତ୍ୟୁବରଣ କରିଥିଲେ କିନ୍ତୁ ପରିବାର ଲୋକ ଦାବି କରନ୍ତି, ସେ ୧୯୯୬ରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଭାଇଙ୍କ କହିବାନୁସାରେ ଶେଷଥର ସେ ଏହି ମସିହାରେ ଜେଲ୍‌ରୁ ଖସିଥିଲେ। ଆଉ ପରେ ମୃତ୍ୟୁବରଣ କରିଥିଲେ। ତାଙ୍କ ଭାଇ ଅନ୍ତିମ ସଂସ୍କାର କରିଥିବା ଦାବି କରନ୍ତି।




# ଚଢ଼େଇ ନୁହେଁ ଫୁଲ

ଏହି ଫଟୋକୁ ଦେଖିଲେ ଲାଗୁଛି ସତେ ଯେମିତି ସୁନ୍ଦର ଧଳା ଚଢ଼େଇଟି ଡେଣା ମେଲି ଉଡୁଛି। କିନ୍ତୁ ପ୍ରକୃତରେ ଏହା ଚଢ଼େଇ ନୁହେଁ ବରଂ ଏକ ଫୁଲ। ଏହାର ବୈଜ୍ଞାନିକ ନାମ ହେଉଛି ହାବେନାରିଆ ରେଡିଏଟା। ହେଲେ ଏହା ଡୋଭ୍ ଫ୍ଲାୱାର୍ ବା ଇଗ୍ରେଟ୍ ଫ୍ଲାୱାର ନାମରେ ବେଶି ପରିଚିତ। କାରଣ ଏହି ଫୁଲ ଦେଖିବାକୁ ଡୋଭ୍ ବା କପୋତ ଅବା ଇଗ୍ରେଟ୍ ନାମକ ଏକ ଚଢ଼େଇ ପରି । ଏହା ସାଧାରଣତଃ ରୁଷିଆ, କୋରିଆ, ଚାଇନା ଓ ଜାପାନର ଓଦାଳିଆ ସ୍ଥାନରେ ଦେଖିବାକୁ ମିଳେ। ଏହାର ବିଶେଷ ଯତ୍ନ ନେବାକୁ ପଡ଼ି ନ ଥାଏ। ବସନ୍ତ ଋତୁରେ ଏହି ଗଛ ଧୀରେ ଧୀରେ ବଢ଼େ ଓ ଖରାଦିନେ ଏଥିରେ କପୋତ ଡେଣା ମେଲି ଉଡିଲା ପରି ଫୁଲ ହୁଏ। ଗୋଟିଏ ଗଛରେ ଅତିବେଶିରେ ୮ଟି ଫୁଲ ହୁଏ। ହେଲେ ସମସ୍ତଙ୍କ ମନ ମୋହି ନିଏ ଏହାର ରୂପ।







# ନୀଳ ଲାଭା

ଆଗ୍ନେୟଗିରିରୁ ଡହ ଡହ ଉତ୍ତପ୍ତ ଲାଲ ରଙ୍ଗର ଲାଭା ଉଦ୍‌ଗିରଣ ହୁଏ। ଆଉ ତା' ରାସ୍ତାରେ ଯାହା ବି ଆସେ ତାକୁ ସେ ଜାଳି ପୋଡି ଛାରଖାର କରିଦିଏ। ଲାଭା ଯେ, ଲାଲ୍‌ରଙ୍ଗର ତାହା ସମସ୍ତେ ଜାଣନ୍ତି। ହେଲେ ଇଣ୍ଡୋନେସିଆରେ ଅଛି କୱାହ ଇଜେନ୍ ନାମକ ଆଗ୍ନେୟଗିରି, ଯାହା ସାରା ବିଶ୍ୱରେ ତା'ର ନୀଳ ରଙ୍ଗର ଲାଭା ଲାଗି ବେଶ୍ ପରିଚିତ। ହେଲେ ଏହା କେମିତି ସମ୍ଭବ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ। ତେବେ ପ୍ରକୃତରେ ଏହାର ଲାଭା ନୀଳ ରଙ୍ଗର ନୁହେଁ। ବୈଜ୍ଞାନିକଙ୍କ ଅନୁସାରେ ଏହି ଔଜ୍ଜ୍ୱଲ୍ୟମାନ ନୀଳ ରଙ୍ଗ ଲାଭାରୁ ନିର୍ଗତ ହେଉଥିବା ପ୍ରଚୁର ମାତ୍ରାର ସଲଫ୍ୟୁରିକ ଗ୍ୟାସ୍ ପାଇଁ ଉତ୍ପନ୍ନ ହୋଇଥାଏ। ଏହି ଗ୍ୟାସ୍‌ରେ ଯେବେ ନିଆଁ ଧରେ ତାହା ନୀଳ ରଙ୍ଗର ହୋଇଯାଏ। ଆଉ ଲାଭା ନୀଳ ରଙ୍ଗର ବୋଲି ମନେ ହୁଏ। ଏହି ଲାଭା ଯେତେଦୂର ପ୍ରବାହିତ ହେଲେ ବି ତାହା ଏହିଭଳି ନୀଳରଙ୍ଗର ଦେଖାଯାଏ। ଏହି ଦୃଶ୍ୟ ବେଶ୍ ରୋମାଞ୍ଚକର ଥାଏ।